**ସଂକ୍ଷେପରେ**

## ଯାନବାହନ ଯାଞ୍ଚ: ଜରିମାନା ଆଦାୟ

**ରୂପ୍‌ସା,୭।୯(ଡି.ଏନ୍.ଏ.):** ବାଲେଶ୍ୱର ୬୦ନଂ ଜାତୀୟ ରାଜପଥର ରୂପ୍‌ସା ଥାନା ନିକଟରେ ଗୁରୁବାର ଓ ଶୁକ୍ରବାର ଦୁଇଦିନ ଧରି ଯାନବାହନ ଯାଞ୍ଚ କରାଯାଇଛି। ଥାନାଧିକାରୀ ସୁଚନ୍ଦ୍ର ମହାଳିକ, ଏଏସ୍ଆଇ ହେମନ୍ତ କୁମାର ପାତ୍ର ପ୍ରମୁଖ ସଦଳବଳ ବାଇକ୍‌ଗୁଡ଼ିକର କାଗଜପତ୍ର, ଇନ୍‌ସ୍ୟୁରାନ୍ସ, ଡ୍ରାଇଭିଂ ଲାଇସେନ୍ସ, ହେଲମେଟ୍ ଆଦି ଯାଞ୍ଚ କରିଥିଲେ। ଆଇନ୍ ଉଲ୍ଲଂଘନ କରୁଥିବା ୧୨ଜଣ ବାଇକ୍ ଆରୋହୀଙ୍କ ଠାରୁ ୧୨ଶହ ଟଙ୍କା ଜରିମାନା ଆଦାୟ କରାଯିବା ସହ ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି।

## ଚୋରା ମଦ ବେପାରୀ ଗିରଫ

**ରୂପ୍‌ସା,୭।୯(ଡି.ଏନ୍.ଏ.):** ବାଲେଶ୍ୱର ସଦର ବ୍ଲକ ହଳଦୀପଦା ଫାଣ୍ଡି ଅନ୍ତର୍ଗତ ତଳଅମରା ଗ୍ରାମର ମଦ ବେପାରୀ ଭାଗବତ ସ୍ୱାଇଁଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ଠାରୁ ୨୨ ବୋତଲ ବିଦେଶୀ ମଦ ଜବତ ହୋଇଛି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ. ୨୫୦/୧୮) ରୁଜୁ ହୋଇ ଅଭିଯୁକ୍ତ ଜଣଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ସେ ଦୀର୍ଘଦିନ ଧରି ପଦାବଡ଼ଗାଁ ଛକ ଠାରେ ଏକ କ୍ୟାବିନ୍‌ରେ ମଦ ବ୍ୟବସାୟ କରିଆସୁଥିବା ଅଭିଯୋଗ ହୋଇଥିଲା। ଫାଣ୍ଡି ଅଧିକାରୀ ବଦ୍ରିଶଙ୍କର ଷଣ୍ଢ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ।

## ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ

**ବାଲେଶ୍ୱର ଅଫିସ,୭।୯:** ବାଲେଶ୍ୱର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ସେପ୍ଟେମ୍ବର ୧୦, ୧୭, ୨୪ ତାରିଖ ଦିନ ଜିଲାର ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୧୦ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ, ୧୭ରେ ବାଲିଆପାଳ ବ୍ଲକ କାର୍ଯ୍ୟାଳୟ ଏବଂ ୨୪ ତାରିଖରେ ଔପଦା ବ୍ଲକ କାର୍ଯ୍ୟାଳୟରେ ଏହା ଅନୁଷ୍ଠିତ ହେବ। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଏବଂ ଆରକ୍ଷୀ ଅଧୀକ୍ଷକ ବି. ଯୁଗଳ କିଶୋର କୁମାରଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହିବେ। ପୂର୍ବାହ୍ନ ୧୦ ଘଟିକାଠାରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ଏହା ଚାଲିବ।

# ବନ୍ଦର ନିର୍ମାଣ ଲାଗି ସପକ୍ଷବାଦୀ ତେଜିଲେ



■ସବୁ ପକ୍ଷଙ୍କୁ ନେଇ ଆଲୋଚନା କରିବାକୁ ଗୁରୁତ୍ୱ
■ବାଲିଆପାଳରେ ହେବ ବିଶାଳ ସମାବେଶ

**ବାଲିଆପାଳ, ୭।୯(ଡି.ଏନ୍.ଏ.)**

ସୁବର୍ଣ୍ଣରେଖା ମୁହାଣ ଚୌମୁଖଠାରେ ପ୍ରସ୍ତାବିତ ବନ୍ଦର ନିର୍ମାଣ ନେଇ ବିବାଦୀୟ ସ୍ଥିତି ମୁଣ୍ଡ ଟେକିଛି। ବନ୍ଦର ନିର୍ମାଣ କାର୍ଯ୍ୟକୁ କେତେକ ସଙ୍ଗଠନ ବିରୋଧ କରୁଥିବା ବେଳେ ଅନ୍ୟମାନେ ଏହା ସମର୍ଥନରେ ଅଣ୍ଟା ଭିଡିବା ଆରମ୍ଭ କରିଛନ୍ତି।

ଉଲ୍ଲେଖନୀୟ ଯେ, ସୁବର୍ଣ୍ଣରେଖା ମୁହାଣର କୀର୍ତ୍ତନିଆଠାରେ ବନ୍ଦର ନିର୍ମାଣ ସକାଶେ ୨୦୦୬ ମସିହାରେ ଚେନ୍ନାଇର କ୍ରିଏଟିଭ୍ ପୋର୍ଟ ଡେଭଲପ୍‌ମେଣ୍ଟ ସହିତ ରାଜ୍ୟ ସରକାର ଏମଓୟୁ ସ୍ୱାକ୍ଷର କରିଥିଲେ। କୀର୍ତ୍ତନିଆଠାରେ ବନ୍ଦର ନିର୍ମାଣ କ୍ଷେତ୍ରରେ କେତେକ ଅସୁବିଧା ପରିଲକ୍ଷିତ ହେବାରୁ ପରେ କୀର୍ତ୍ତନିଆ ବଦଳରେ ଚୌମୁଖରେ ବନ୍ଦର ନିର୍ମାଣ ଲାଗି ସ୍ଥିର ହୋଇଥିଲା। ତଦନୁଯାୟୀ ୨୦୧୦ ସୁଦ୍ଧା ବନ୍ଦର କାର୍ଯ୍ୟ ଶେଷ କରିବାକୁ ସମ୍ପୃକ୍ତ କମ୍ପାନୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଚୁକ୍ତି ହୋଇଥିଲା। ସିଆରଜେଡ କଟକଣା, ପରିବେଶ ଅନୁମତି, ବ୍ୟାଙ୍କ ଋଣ ପାଇବାରେ ବିଳମ୍ବ ଏବଂ ଭୂଦାନ ଜମିଦଖଲକୁ ନେଇ କୋର୍ଟରେ ମାଲିମକଦ୍ଦମା ହେବା ଯୋଗୁ ବନ୍ଦର କାର୍ଯ୍ୟ ବିଳମ୍ବିତ ହୋଇଥିଲା। ଏବେ ଟାଟା ସହିତ ମିଶି ପୂର୍ବୋକ୍ତ କ୍ରିଏଟିଭ୍ ପୋର୍ଟ ଡେଭଲପ୍‌ମେଣ୍ଟ ସଂସ୍ଥା ବନ୍ଦର କାର୍ଯ୍ୟ ଆରମ୍ଭ କରିବାକୁ ଉଦ୍ୟମ ଆରମ୍ଭ କରିଛି। ବନ୍ଦର ହେଲେ ରତ୍ନଗର୍ଭା ଚୌମୁଖ ଭୂଲୁଣ୍ଠିତ ହେବ ଏବଂ ଲୋକଙ୍କ ଜୀବନ ଜୀବିକା ଉଜୁଡ଼ି ଯିବ ବୋଲି ଉପକୂଳ ଭିଟାମାଟି ସୁରକ୍ଷା କମିଟି ଅଭିଯୋଗ କରି ଏ ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି। ଅନ୍ୟପକ୍ଷେ ବାଲିଆପାଳ ବ୍ଲକର ଅନେକ ନିର୍ବାଚିତ ଜନପ୍ରତିନିଧି, ସମସ୍ତ ଜିଲାପରିଷଦ ସଦସ୍ୟ, ବରିଷ୍ଠ ନାଗରିକ ପରିଷଦ, ବାଘାଯତୀନ ସ୍ମୃତି ପରିଷଦ, ସୁବର୍ଣ୍ଣରେଖା ଯୁବକ୍ରୀଡ଼ା ସଂସଦ, ସୁବର୍ଣ୍ଣରେଖା ବିକାଶ ପରିଷଦ, ସୁବର୍ଣ୍ଣରେଖା ଟ୍ରକ ଓ ଡମ୍ପର ମାଲିକ ସଂଘ, ବାଲିଆପାଳ ପ୍ରେସ କ୍ଲବ ଆଦି ବିଭିନ୍ନ ଅନୁଷ୍ଠାନ ବନ୍ଦର ସପକ୍ଷରେ ମତବ୍ୟକ୍ତ କରି ବନ୍ଦର ହେଲେ କେବଳ ବାଲିଆପାଳ ନୁହେଁ ବସ୍ତା, ଜଳେଶ୍ୱର, ଭୋଗରାଇ ସମେତ ଜିଲାର ଆର୍ଥିକ ବିକାଶ ହେବ ବୋଲି କହିଛନ୍ତି। ବିସ୍ଥାପିତ ହେବାକୁ ଥିବା ପରିବାର ସମେତ ରେଳ ଓ ସଡ଼କପଥ ପାଇଁ ଜମି ହରାଉଥିବା ଲୋକଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ବନ୍ଦର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ସକାଶେ ସବୁପକ୍ଷ ସହ ଆଲୋଚନା କରିବାକୁ ଜିଲାପରିଷଦର ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ, କସ୍ତୁରୀବାଳା ପାତ୍ର, ମୀନତି ଜେନା, ଅନୁପମା ସାହୁ, ସାମାଜିକ କର୍ମୀ ବେଣୁଧର ଜେନା, ଅଜୟ ପାତ୍ର, ବିମଳ ସାହୁ, ବରିଷ୍ଠ ନାଗରିକ କମିଟିର ସଭାପତି ନାରାୟଣ ପ୍ରସାଦ ସାହୁ, ବାଘାଯତୀନ ସ୍ମୃତିପରିଷଦର ସଭାପତି ଅରବିନ୍ଦ ବେହେରା, ସୁବର୍ଣ୍ଣରେଖା ବିକାଶ ପରିଷଦର ହାଡ଼ିବନ୍ଧୁ ରାଉତ, ବାଲିଆପାଳ ପ୍ରେସ କ୍ଲବର କାର୍ଯ୍ୟକର୍ତ୍ତା, ଟ୍ରକ ଓ ଡମ୍ପର ମାଲିକ ସଂଘର ସଭାପତି ସୌମ୍ୟଦୀପ ଚକ୍ରବର୍ତ୍ତୀ, ସୁବର୍ଣ୍ଣରେଖା ଯୁବକ୍ରୀଡ଼ା ସଂସଦର ସଭାପତି ସରୋଜ କୁମାର ପରିଡ଼ା, ସୁବର୍ଣ୍ଣରେଖା ଶ୍ରମିକ ସଂଘର ସଭାପତି ସଚିନ୍ଦ୍ର ଦାସ ପ୍ରମୁଖ ଏଠାରେ ଦାବି କରିଛନ୍ତି। ଆବଶ୍ୟକ ହେଲେ ବନ୍ଦର ପ୍ରତିଷ୍ଠା ପାଇଁ ବାଲିଆପାଳରେ ବିରାଟ ଜନ ସମାବେଶ କରାଯିବ ବୋଲି ଏସବୁ ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଛି।

# ପ୍ରଧାନଶିକ୍ଷକ ବଦଳି ପ୍ରତ୍ୟାହାର ଦାବିରେ ଛାତ୍ରୀଛାତ୍ରଙ୍କ ଧାରଣା



ପଞ୍ଚୁଘଣ୍ଟା ନୋଡ଼ାଲ ମଇ ବିଦ୍ୟାଳୟ ସମ୍ମୁଖରେ ଛାତ୍ରୀଛାତ୍ର ।

**ଜଳେଶ୍ୱର, ୭।୯(ସ୍ୱ.ପ୍ର./ଡି.ଏନ୍.ଏ.)**

ଜଳେଶ୍ୱର ମ୍ୟୁନିସିପାଲିଟି ଅନ୍ତର୍ଗତ ୮ନଂ ୱାର୍ଡ଼ ପଞ୍ଚୁଘଣ୍ଟା ନୋଡ଼ାଲ ମଇ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ବଦଳିକୁ ନେଇ ଦୀର୍ଘଦିନ ଧରି ଲାଗିରହିଥିବା ଅସନ୍ତୋଷ ଏବେ ଚରମ ସୀମାରେ ପହଞ୍ଚିଛି। ଶୁକ୍ରବାର ପ୍ରଧାନ ଶିକ୍ଷକଙ୍କ ବଦଳି ଆଦେଶ ମିଳିବା ପରେ ଏହାକୁ ପ୍ରତ୍ୟାହାର କରିନେବା ଲାଗି ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଅଫିସ ସମ୍ମୁଖରେ ଧାରଣାରେ ବସିଥିଲେ। ପ୍ରଧାନଶିକ୍ଷକଙ୍କୁ ବଦଳି ନ କରିବା ଲାଗି ପୂର୍ବରୁ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଜଳେଶ୍ୱର ଗୋଷ୍ଠୀ ଶିକ୍ଷାଧିକାରୀ ତଥା ଉପରିସ୍ଥ କର୍ମକର୍ତ୍ତାଙ୍କୁ ଏବଂ ବିଧାୟକଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ ଏହା କାର୍ଯ୍ୟକାରୀ ନ ହେବାରୁ ଛାତ୍ରୀଛାତ୍ରମାନେ ପୂର୍ବାହ୍ନ ୧୦ଟାରୁ ଧାରଣାରେ ବସିଥିଲେ। ଏପରିକି ସେମାନେ ମଧ୍ୟାହ୍ନଭୋଜନ ମଧ୍ୟ ଗ୍ରହଣ କରି ନ ଥିଲେ। ଅପରାହ୍ନ ୨ଟା ସୁଦ୍ଧା ଧାରଣାସ୍ଥଳକୁ କୌଣସି ଅଧିକାରୀ ଆସି ନ ଥିଲେ।

# ଥାନାରେ ଖତଖାଉଛି ଜବତ କୋଇଲା

■ଆସୁନାହାନ୍ତି କେହି ଦାବିଦାର
■ହାଲ୍‌କା ଭାବେ ନେଉଛି ପୋଲିସ

**ସିମୁଳିଆ, ୭।୯(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ଥାନା ପରିସରରେ ପ୍ରାୟ ଏକ ହଜାର କୋଇଲା ବସ୍ତା ଜମା ହୋଇଛି। ଜବତ କୋଇଲାର ଦାବିଦାର କେହି ନାହାନ୍ତି। ଏ ସମ୍ପର୍କରେ ରେଳ କର୍ତ୍ତୃପକ୍ଷ ଓ କୋଇଲା କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ କୌଣସି ଅଧିକାରୀ ଏହାକୁ ନିଜର ବୋଲି କହୁ ନ ଥିବା ସିମୁଳିଆ ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଫଳରେ ଏହି କୋଇଲା ଭର୍ତ୍ତି ବସ୍ତାଗୁଡ଼ିକ ପଡ଼ି ପଡ଼ି ଖତ ଖାଇବ ବୋଲି ଜଣାପଡୁଛି। ଅପରପକ୍ଷେ ସିମୁଳିଆ ପୋଲିସ କୋଇଲା ଚୋରି ର୍‍ୟାକେଟ୍‌ରେ ଜଡ଼ିତ ୩ ପିକ୍‌ଅପ୍‌କୁ ଜବତ କରିବା ସହିତ ଗତ ୨୮ ତାରିଖରେ କୋଇଲା ବୋଝେଇ ପିକ୍‌ଅପ୍‌କୁ ସିମୁଳିଆ ଥାନାଠାରୁ ପ୍ରାୟ ୧କି.ମି. ଦୂର ରାଜପଥର ମାଟିଆପଡ଼ା ନିକଟରୁ ଜବତ କରିବା ସହିତ ଏହାର ଚାଳକ ଗଦାଧର ଗାଡ଼ିଙ୍କୁ ଗିରଫ କରିଛି। ଏନେଇ ପୋଲିସ ଏକ ମାମଲା (ନଂ.୨୨/୧୮) ରୁଜୁ କରି କୋର୍ଟଚାଲାଣ କରିଛି। ଗଦାଧରଙ୍କ ଘର ଭଦ୍ରକ ଜିଲା ଅସୁରା ଅଞ୍ଚଳରେ। ତେବେ ପୋଲିସ ଗିରଫ ଚାଳକଙ୍କୁ ଆଧାର କରି ତଦନ୍ତ ଚଳାଇଲେ ମଧ୍ୟ ଏହି କୋଇଲାର ସୁରାକ ମିଳିପାରନ୍ତା। ତେବେ ପୋଲିସ ଏହାକୁ ହାଲକା ଭାବେ ନେବା ଘଟଣା କାର୍ଯ୍ୟକଳାପ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରେ ଚୋରା କୋଇଲା ବିକ୍ରିର ର୍‍ୟାକେଟ ବୃଦ୍ଧି ପାଇଛି। ଚୋରା ବ୍ୟବସାୟୀମାନେ ଦିନ ଦ୍ୱିପହରେ ଖୁଲାମଖୁଲା ଏହି ବ୍ୟବସାୟ ଚଳାଇ ଆସୁଥିଲେ। ସିମୁଳିଆ ବ୍ଲକର ଶ୍ୟାମସୁନ୍ଦରପୁର, ବାଲିଖଣ୍ଡ ଓ ଭଦ୍ରକ ଜିଲାର ରାଣିତାଲ-ବରଦା କେନାଲବନ୍ଧ ସମେତ ବିଭିନ୍ନ ସ୍ଥାନରେ ଏହି କୋଇଲା ଷ୍ଟକ ପଏଣ୍ଟ ଖୋଲାଯାଇଥିଲା। ଓଡ଼ିଶାର ବିଭିନ୍ନ କୋଇଲା ଖଣିରୁ ଟ୍ରକ ଯୋଗେ କୋଇଲା ଚୋରାରେ ଆସୁଥିବା ବେଳେ ଭଦ୍ରକରୁ ଧାମରା ଓ ଦକ୍ଷିଣପୂର୍ବ ରେଳ ପଥରେ ଯାଉଥିବା ଟ୍ରେନ୍‌ରୁ ଏହି କୋଇଲା ଚୋରାରେ ଅନ୍‌ଲୋଡ କରାଯାଉଥିଲା । କୋଇଲା ବସ୍ତାଗୁଡ଼ିକୁ ଭଦ୍ରକର ଷଠିପୁର ଓ ବାଲେଶ୍ୱରର ରେମୁଣା ନିକଟରେ ଥିବା ବିଭିନ୍ନ ଇଟାଭାଟି ସମେତ ମିଲ୍ ଓ କଳକାରଖାନାର ମାଲିକମାନେ କିଣୁଥିବା ବେଳେ ଶହ ଶହ ଟ୍ରିପ ପଶ୍ଚିମବଙ୍ଗ ଓ ଆନ୍ଧ୍ର ଚାଲାଣ ହେଉଥିଲା। ଦିନ ଦ୍ୱିପ୍ରହରରେ ଚୋରା ବ୍ୟବସାୟୀମାନେ ଟ୍ରକ ଓ ପିକ୍‌ଅପ୍ ଲଗାଇ ବିଟ୍ ରାସ୍ତାରେ ଷ୍ଟକ ହୋଇଥିବା କୋଇଲା ବସ୍ତା ବୋଝେଇ କରୁଥିଲେ। ତେବେ ଧରିତ୍ରୀରେ ଏ ସମ୍ପର୍କରେ ଖବର ପ୍ରକାଶ ପରେ ପୋଲିସ ବିଭିନ୍ନ ସ୍ଥାନରୁ ଚଢ଼ାଉ କରି କୋଇଲା ବସ୍ତା ଜବତ କରିବା ପରେ ଚୋରା ବ୍ୟବସାୟୀଙ୍କ ହାତ ବନ୍ଦ ହୋଇଯାଇଛି ।

## ପେଟ୍ରୋଲ, ଡିଜେଲ ଦରବୃଦ୍ଧିକୁ ବିରୋଧ

**ରୂପ୍‌ସା/ବସ୍ତା, ୭।୯(ଡି.ଏନ୍.ଏ.)**

ବାରମ୍ବାର ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ନେଇ ବସ୍ତା ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ଗାନ୍ଧିଛକ ଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଯୁବକଂଗ୍ରେସ ସଭାପତି ସୁଧାଂଶୁ ଜେନାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଗାନ୍ଧିଛକ ବଜାର ପରିକ୍ରମା କରି କେନ୍ଦ୍ରସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ଯୁବକଂଗ୍ରେସ ସାଧାରଣ ସମ୍ପାଦକ ଶମ୍ଭୁନାଥ ସିଂ, ସମ୍ପାଦକ ସେକ୍ ନଜିମୁଦ୍ଦିନ, ନରେନ୍ଦ୍ର ଦାସ, ସେକ୍ ଜଗଲୁଦ୍ଦିନ, ତରୀପ ପଣ୍ଡା, ନୃସିଂହ ଦାସ, ୱାର୍ଡସଭ୍ୟ ପ୍ରତାପ ବେହେରା ପ୍ରମୁଖ ଯୋଗଦେଇ ତୁରନ୍ତ ତୈଳ ଦର ହ୍ରାସ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ।

## କୁପାରୀ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ଖଇରା, ୭।୯(ଡି.ଏନ୍.ଏ.)**

ଖଇରା ବ୍ଲକ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ପକ୍ଷରୁ ଶୁକ୍ରବାର ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅରୁଣ କୁମାର ପାଢ଼ୀ ଏହି ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଲକ୍ଷ୍ୟ ସ୍ଥିର କରି ଅଧ୍ୟୟନ ଦିଗରେ ପରାମର୍ଶ ଦେଇଥିଲେ। ବିଭାଗୀୟ ମୁଖ୍ୟ ଭୁବନ ବିହାରୀ ରାଉତ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ଅମ୍ରିତା ହାଲଦାର ଦର୍ଶନଶାସ୍ତ୍ରର ସ୍ୱତନ୍ତ୍ରତା ସମ୍ପର୍କରେ ଦିଗ୍‌ଦର୍ଶନ ଦେଇଥିଲେ। ନବାଗତ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

## କ୍ରୀଡ଼ାବିତ୍ ରାମରକ୍ଷଙ୍କ ସ୍ମୃତିସଭା

**ଭୋଗରାଇ,୭।୯(ଡି.ଏନ୍.ଏ.)**

ଭୋଗରାଇ ବ୍ଲକର ସୁନାମଧନ୍ୟ କ୍ରୀଡ଼ାବିତ୍ ତଥା ଆଦର୍ଶ ଶିକ୍ଷକ ରାମରକ୍ଷ ପଣ୍ଡାଙ୍କ ସ୍ମୃତିସଭା ଚନ୍ଦନେଶ୍ୱରସ୍ଥିତ ନେତାଜୀ ପବ୍ଲିକ ଲାଇବ୍ରେରୀ ହଲରେ ଅନୁଷ୍ଠିତ ହୋଇଯାଇଛି। ଲାଇବ୍ରେରୀର ଉପସଭାପତି ନିରାକାର ପାଣ୍ଡବ ଏଥିରେ ପୌରୋହିତ୍ୟ କରିଥିଲେ। ନିମ୍ନମାଧ୍ୟମିକ ଶିକ୍ଷକ ସଂଘର ସଭାପତି ଶ୍ରୀନିବାସ ପାତ୍ର, ଲାଇବ୍ରେରୀର ସଭାପତି ସରୋଜ ଖାଁ, ସଦସ୍ୟ ଧୀରେନ୍ଦ୍ର ଜେନା, ସଞ୍ଜୟ ପଣ୍ଡା, କ୍ରିଷ୍ଣାରାଣୀ ସାହୁ, ଅଜିତ୍ ଗିରି, ସରୋଜିନୀ ମହାନ୍ତି, ହରେକୃଷ୍ଣ ଦାସ ପ୍ରମୁଖ ଯୋଗଦେଇ ରାମରକ୍ଷ ପଣ୍ଡାଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ତାଙ୍କ ତୈଳଚିତ୍ରରେ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ମାଟି କହେ କଥା...

ମାଟିରେ ଥାଏ ମହାନତା, ଭରପୂର ଐଶ୍ୱର୍ଯ୍ୟ। ମାଟି ମୂକ, କିଛି କହିପାରେନି। ମାଟିକୁ ମଣିଷ ଗୌରବାନ୍ୱିତ କରେ। ଇତିହାସ ରଚେ। ଉତ୍ତର ଓଡ଼ିଶା ମାଟିରେ କଳା, ସଂସ୍କୃତି, ସାହିତ୍ୟର ପରମ୍ପରା ଏହାର ଐତିହ୍ୟକୁ ସମୃଦ୍ଧ କରିଛି। ବାଲେଶ୍ୱର ପୁଣ୍ୟ ଐତିହ୍ୟର ମାଟି, ଯେଉଁଠି ଜନପଦ ଖେତ ଖମାର ଓ ନଦୀ ସମୁଦ୍ରରେ ଭରି ରହିଛି ଅସରନ୍ତି ସ୍ୱପ୍ନ, ଶିହରଣ।

ମଧ୍ୟଯୁଗରେ ବିଦେଶୀ ବଣିକମାନେ ଏହି ମାଟିରେ ପାଦ ଦେବା ପରେ ପୁରାତନ ଓ ଆଧୁନିକ ଜୀବନଧାରାରେ ଆସିଥିଲା ସମନ୍ୱୟ। ନିମକ୍ ମାହାଲ୍ ରୋଡ୍, ଦିନାମାର୍ ଡିଙ୍ଗା, ଫରାସୀ ଡିଙ୍ଗା, ସୁନହଟ୍, ପାତ୍ରପଡ଼ା, ନୁର୍‌ପୁର୍ ରୋଡ୍, ଖଲାସୀମହଲା, ପୁରୁଣାବାଲେଶ୍ୱର ଅତୀତର ଏହି ସ୍ମୃତିକୁ ଏଯାଏ ସାଇତି ରଖିଛି। କେତେ ଜାତି, ସଭ୍ୟତା ପରସ୍ତ ପରସ୍ତ ହୋଇ ମାଡ଼ି ଯାଇଛନ୍ତି ଏ ମାଟିରେ। ଦେଶ ସ୍ୱାଧୀନ ହେବା ବହୁ ପୂର୍ବରୁ ଏହି ମାଟିରେ ସ୍ୱାଧୀନ ଚେତନାର ବାର୍ତ୍ତା ବୁଣି ହୋଇ ପଡିଥିଲା। ବାଘାଯତୀନ ଓ ବୈକୁଣ୍ଠନାଥ ଦେବଙ୍କ ଅମର କାହାଣୀ ଏହି ମାଟିକୁ ଗୌରବାନ୍ୱିତ କରିଛି। ବ୍ୟାସକବି ଫକୀରମୋହନ ସେନାପତି ଏବଂ ରାଧାନାଥ ରାୟଙ୍କ ଭଳି ବହୁ ବରପୁତ୍ର ଓ ସାହିତ୍ୟିକ ଜାତିପ୍ରାଣରେ ସ୍ପନ୍ଦନ ଭରି ଦେଇଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ସୁରକ୍ଷା ଆନ୍ଦୋଳନଠାରୁ ଆରମ୍ଭ କରି ତଦନାନ୍ତିନ ଉତ୍କଳର ପ୍ରଥମ ଛାପାଖାନା ଓ ପ୍ରଥମ ଖବରକାଗଜ 'ସମ୍ବାଦବାହିକା' ଏହି ମାଟିର ଇତିହାସକୁ ସର୍ବବସମ୍ମୁଖକୁ ଆଣିଛି। ଧାନ, ମୀନ, ପାନ, ଲୁଣ ଓ ଶିକ୍ଷାରେ ସମୃଦ୍ଧ ବାଲେଶ୍ୱର ଆଧୁନିକ ଜୀବନଧାରା ସହ ତାଳ ଦେଇ ଆଗକୁ ବଢିଚାଲିଛି। କ୍ଷେପଣାସ୍ତ୍ର ଘାଟି ପ୍ରତିଷ୍ଠା ପରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ମେଡିକାଲ କଲେଜ ପ୍ରତିଷ୍ଠା ଏହାର ବିକାଶ ଧାରାକୁ ତ୍ୱରାନ୍ୱିତ କରିଛି। ଯୁବପିଢିରେ ଅନେକ ପ୍ରତିଭା ଏହି ଅଞ୍ଚଳର ଗୌରବ ବଢାଇବାରେ ସହାୟକ ହୋଇଛନ୍ତି। ଅଞ୍ଚଳବାସୀଙ୍କ ସାମୂହିକ ସହଯୋଗ ଓ ପ୍ରଚେଷ୍ଟା ଜାରି ରହିଲେ ବାଲେଶ୍ୱର ସମେତ ସମଗ୍ର ଉତ୍ତରଓଡ଼ିଶା ନିଜକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରାଇପାରିବ।



ବିରଜା ପ୍ରସାଦ ନାୟକ

**(ପ୍ରତିଷ୍ଠାତା : ମିଲିୟନ ଡ୍ରିମ୍‌ସ, ବାଲେଶ୍ୱର)**

### ଜୀବନକୁ ବୁଝେ, ବୁଝାଏ



'ସାହିତ୍ୟ ଜୀବନକୁ ବୁଝେ, ବୁଝାଏ। ଏ ମାଟିର ସାରସ୍ୱତ ବିଭବ ଅତୁଳନୀୟ। ସଚେତନ ପାଠିକା, ପାଠକ ସାରସ୍ୱତ ପରମ୍ପରାକୁ ଏଠି ଉଜ୍ଜୀବିତ ରଖି ଆସିଛନ୍ତି। ଏ ମାଟିର ଐତିହ୍ୟ ସାରସ୍ୱତ ଭିତ୍ତିଭୂମି ଉପରେ ଗଢିଉଠିଛି। ଐତିହ୍ୟ ଓ ପରମ୍ପରାର ସୁରକ୍ଷା କରି ବିକାଶଧାରାକୁ ଆଗେଇ ନେବା ଆଜିର ଆହ୍ୱାନ ହୋଇଛି।

**-ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସଭାପତି, ଫକୀରମୋହନ ସାହିତ୍ୟ ପରିଷଦ।**

### ନିଆରା ସାରସ୍ୱତ ପରମ୍ପରା

ଗୋଟିଏ ଜାତିକୁ ଐଶ୍ୱର୍ଯ୍ୟମୟ କରିବାରେ ସାହିତ୍ୟର ଭୂମିକା ଅତୁଳନୀୟ। ସାରସ୍ୱତ ଭୂମି ବାଲେଶ୍ୱର ସଭିଙ୍କୁ ଏହି ବାର୍ତ୍ତା ଦେଇଆସୁଛି। ଅନେକ ଯୁବପ୍ରତିଭା ଏବେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରି ଜିଲାର ଗୌରବ ବଢାଇଚାଲିଛନ୍ତି। ଏ କ୍ଷେତ୍ରରେ ଅନେକ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କ ଯୋଗଦାନ ସାରସ୍ୱତ ପରମ୍ପରାକୁ ଅକ୍ଷୁଣ୍ଣ ରଖିଛି।

**-କବି ଶ୍ରୀଦେବ, ସମ୍ପାଦକ, ଚନ୍ଦ୍ରଭାଗା।**



UTKAL UNIVERSITY
(Accredited A+ by NAAC)
NOTIFICATION

No.CPG/Aca/11/1191/2018 Dated: 06.09.2018

ONLINE APPLICATIONS ARE INVITED FOR ADMISSION INTO MBA IN RURAL MANAGEMENT FOR THE SESSION 2018-19 AT NEW CAMPUS, CHANDIKHOLE, UTKAL UNIVERSITY

Application form is available in the University website **(www.utkaluniversity.nic.in)**. The course will be offered in the new campus of Utkal University at Chandikhole with 24 seats in regular mode under Choice Based Credit System (4 Semesters).

**Eligibility :**

Bachelor's degree under any stream with at least 50% marks in aggregate (except AMIE) and for SC/ST/PH candidates 45% marks in aggregate.

**Important Dates :**

Availability and online submission of Application Form :
**07.09.2018 to 20.09.2018 (Mid night)**

Date of Entrance Test : **23 September, 2018 (Sunday) : 11.30 A.M. to 12.30 P.M.**
Entrance Venue : **Department of Business Administration, Utkal University**
Date of publication of Entrance Test Result : **25 September, 2018**
Date of Admission : **28 & 29 September, 2018**
Contact persons : Prof. J. Dandapat, OSD, New Campus, Chandikhole, **M-9437466087**
Prof. B.B. Mishra, Department of MBA, **M-9437134777**
Dr. R. Garada, Department of Sociology, **M-9437517126**

NB:
1. Hard copy of the application form along with documents to be collected from the candidates on the day of entrance **(i.e. 23.09.2018)**.
2. There is no provision for Hostel accommodation.
3. No 2nd P.G. admission is admissible.
4. Course fee Rs.25,000/- (Rupees twenty five thousand) only per annum + Admission fees per annum (as applicable).

**CHAIRMAN, P.G.COUNCIL**

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ସିମୁଳିଆ, ୭।୯(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ଥାନା କାଞ୍ଚପଡ଼ା ପଞ୍ଚାୟତ ତାଳପଦା ଗ୍ରାମର କୃଷ୍ଣଚନ୍ଦ୍ର ନାୟକ(୩୫) ନାମକ ଜଣେ ଯୁବକ ଗୁରୁବାର ବିଳମ୍ବିତ ରାତିରେ ନିଜ ଘର ଠାରୁ ଦୂରରେ ନିର୍ମିତ ହେଉଥିବା ଅନ୍ୟ ଏକ ଗୃହ ମଧ୍ୟରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ତାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୧୮) ରୁଜୁ କରି ତଦନ୍ତ ଚଳାଇବା ସହିତ ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି । ଅପରପକ୍ଷେ ପ୍ରେମ ଜନିତ କାରଣକୁ ନେଇ ଏହି ଆତ୍ମହତ୍ୟା ଘଟିଥିବା ସୂଚନା ମିଳିଛି।

# ରାସ୍ତାରେ ଲହଡ଼ି ଭାଙ୍ଗୁଛି ବର୍ଷାଜଳ

**ବସ୍ତା, ୭।୯(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ସାର୍ଥା ପଞ୍ଚାୟତରେ ରାସ୍ତା ବର୍ଷା ପାଣିରେ ବୁଡ଼ି ରହିଛି। ଗାଁ ଲୋକେ ପାଣି କାଦୁଅରେ ପଶି ଯିବା ଆସିବା କରିବାକୁ ବାଧ୍ୟ ହେଉଛନ୍ତି । ଏହି ରାସ୍ତା ସମସ୍ୟା ପ୍ରତି ପ୍ରଶାସନର ଦୃଷ୍ଟି ପଡୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହି ଗାଁର ବିଭିନ୍ନ ୱାର୍ଡ଼କୁ ରାସ୍ତା ନାହିଁ। ଦୀର୍ଘଦିନ ଧରି ମୁଠାଏ ମୋରମ ପଡ଼ି ନାହିଁ। ୧୮ନଂ. ୱାର୍ଡ଼ ଓ ତତ୍‌ସଂଲଗ୍ନ ଅଞ୍ଚଳରେ ବସବାସ କରୁଥିବା ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ମଧ୍ୟ ସବୁଦିନିଆ ରାସ୍ତା ନାହିଁ। ଯାତାୟାତ ପାଇଁ ଥିବା ଦେଢ଼ କି.ମି. ରାସ୍ତା ପାଣିରେ ବୁଡ଼ିଥିବାରୁ ସ୍କୁଲ ପିଲା, ରୋଗୀ ଏବଂ ଜନସାଧାରଣ ମୁଖ୍ୟରାସ୍ତାକୁ ଆସିବା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପଞ୍ଚାୟତ ପୁନର୍ଗଠନ ବେଳେ ଦୁଇଟି ପଞ୍ଚାୟତରେ ଗଠିତ ହୋଇଥିଲେ ମଧ୍ୟ ରାସ୍ତାର ଅବସ୍ଥା ଯଥା ପୂର୍ବଂ ତଥା ପରଂ ହୋଇରହିଛି।



ଲୋକେ ପାଣିକାଦୁଅରେ ପଶି ଯାଉଛନ୍ତି।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ବିକ୍ରମ କେଶରୀ ପ୍ରଧାନ,** ପିତା: ପ୍ରହ୍ଲାଦ ପ୍ରଧାନ, ପ୍ଲଟ୍ ନଂ.: ୫୮/୮୩(ବି), ଆରଡି-୩, ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼ ନିକଟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | **ସମ୍ପତ୍ତିର ମାଲିକ: ଶ୍ରୀ ବିକ୍ରମ କେଶରୀ ପ୍ରଧାନ** | **ଶ୍ରୀ ବିକ୍ରମ କେଶରୀ ପ୍ରଧାନଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଞ୍ଚିଲୋ, ତହସିଲ/ଥାନା: ବାଲିଅନ୍ତା, ଖାତା ନଂ.: ୫୫/୧୮, ପ୍ଲଟ୍ ନଂ.: ୧୧, କ୍ଷେତ୍ର: ଏକର୦.୦୩୪.୪୩ ଡିସିମିଲି (୧୫୦୦ ବର୍ଗଫୁଟ), ସବ୍-ପ୍ଲଟ୍ ଡୁପ୍ଲେକ୍ସ ହାଉସ୍ ନଂ. ୨୩, ଏହାର ଚାରିପାର୍ଶ୍ୱରେ- ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ସବ୍-ପ୍ଲଟ୍ ନଂ. ୨୪, ଦକ୍ଷିଣ: ସବ୍-ପ୍ଲଟ୍ ନଂ. ୨୨ | ୧୮.୦୫.୨୦୧୮ | ୦୬.୦୯.୨୦୧୮ | **ଡିମାଣ୍ଡ ନୋଟିସ୍ ଅନୁଯାୟୀ:** ୧୮.୦୫.୨୦୧୮ ସୁଦ୍ଧା **ଟ.୪୩,୯୬,୧୮୯/-** + ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ / **ଦଖଲ ନୋଟିସ୍ ଅନୁଯାୟୀ:** ୦୬.୦୯.୨୦୧୮ ସୁଦ୍ଧା **ଟ.୪୬,୩୯,୦୨୦/-** + ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

**ତାରିଖ: ୦୬.୦୯.୨୦୧୮**
**ସ୍ଥାନ: ଭୁବନେଶ୍ୱର**

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ‘ଆତିଥେୟତା କରିଛି ଅଭିଭୂତ’

**ସାହିତ୍ୟ ଓ କଳାସଂସ୍କୃତିର ସହର ବାଲେଶ୍ୱର। ଉତ୍ତର ଓଡ଼ିଶାର ପ୍ରାଣକେନ୍ଦ୍ର। ଆଧୁନିକ ଜୀବନଧାରା ଦୌଡରେ ନିଜକୁ ସାମିଲ କରି ବିକାଶ ପଥରେ ଆଗକୁ ପାଦ ବଢ଼ାଇଛି। ଏହାର ଶାନ୍ତ ସୁନ୍ଦର ପରିବେଶ ଯେତିକି ମନମୁଗ୍ଧକର, ଜନଜୀବନର ଭାବାଦର୍ଶ ସେତିକି ଆକର୍ଷଣୀୟ। ସର୍ବୋପରି ଅଞ୍ଚଳବାସୀଙ୍କ ଆନ୍ତରିକ ଆତିଥେୟତା ଆମକୁ ବିମୋହିତ କରିଛି ବୋଲି ବାଲେଶ୍ୱର ସହର ଉପକଣ୍ଠସ୍ଥିତ ଫକୀରମୋହନ ସରକାରୀ ମେଡିକାଲ କଲେଜ ଓ ହସପିଟାଲର ନବାଗତ ଛାତ୍ରୀଛାତ୍ରମାନେ ମତବ୍ୟକ୍ତ କରିଛନ୍ତି।**



ବାଲେଶ୍ୱର ସହର ଉପକଣ୍ଠ ରେମୁଣାର ଶ୍ରୀକୃଷ୍ଣପୁର ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏଠାରେ ନୂଆକରି ଖୋଲିଥିବା ଫକୀରମୋହନ ସରକାରୀ ମେଡିକାଲ କଲେଜରେ ନାମଲେଖା ଯାଇ ପାଠପଢ଼ା ଆରମ୍ଭ ହେବା ପରେ କ୍ୟାମ୍ପସ୍ ପରିବେଶ ଚଳଚଞ୍ଚଳ ହୋଇଉଠିଛି। ଅଗଷ୍ଟ ୩୧ ତାରିଖରୁ ଆରମ୍ଭ ହୋଇଥିବା ଶିକ୍ଷାବର୍ଷ ଲାଗି ନବାଗତ ଛାତ୍ରୀଛାତ୍ରଙ୍କ ପଦାର୍ପଣକୁ ଏ ସହର ସ୍ୱାଗତ କରିଛି। ମେଡିକାଲ କଲେଜ ପ୍ରଫେସର, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ମଧ୍ୟ ସେମାନଙ୍କୁ ସ୍ୱାଗତ କରିଛନ୍ତି। ଏକଦା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅବହେଳିତ ଉତ୍ତର ଓଡ଼ିଶାର ବାରିପଦାରେ ପିଆରଏମ ମେଡିକାଲ କଲେଜ ଖୋଲିବାର ବର୍ଷକ ପରେ ଏଥର ବାଲେଶ୍ୱର ମେଡିକାଲ କଲେଜ ଆରମ୍ଭ ହୋଇଥିବାରୁ ଅଞ୍ଚଳବାସୀଙ୍କ ବହୁଦିନର ଦାବି ଓ ସ୍ୱପ୍ନ ପୂରଣ ହୋଇଛି। ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟିଛି। ବର୍ତ୍ତମାନ ସୁଦ୍ଧା ୯୯ ଛାତ୍ରୀଛାତ୍ର ଶିକ୍ଷାଗ୍ରହଣ ସକାଶେ ନାମ ଲେଖାଇ ସାରିଛନ୍ତି। ସେମାନଙ୍କ ମଧ୍ୟରେ ୪୩ ଛାତ୍ରୀ ଏବଂ ୫୬ ଛାତ୍ର ରହିଛନ୍ତି। ମୋଟ ୧୦୦ ଆସନ ମଞ୍ଜୁରୀ ମିଳିଛି। ଗତ ୩ ତାରିଖରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଡିକାଲ କଲେଜକୁ ଉଦ୍‌ଘାଟନ କରି ଏହାକୁ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବ ଅବସରରେ ନବାଗତ ଛାତ୍ରୀଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାଗତ ଜଣାଇ ସେମାନଙ୍କ ଗହଣରେ କିଛି ଅନ୍ତରଙ୍ଗ ମୁହୂର୍ତ୍ତ ବିତାଇଥିଲେ। ଛାତ୍ରୀଛାତ୍ରମାନେ ଏଠାରେ ଶିକ୍ଷା ଲାଭ କରି ରୋଗୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇ ମେଡିକାଲ କଲେଜ ସକାଶେ ନୂଆ ପରିଚୟ ସୃଷ୍ଟି କରିବେ ବୋଲି ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ଅତିଥିମାନେ ଆଶାବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଞ୍ଚଳବାସୀଙ୍କ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। କେତେକ ବହିରାଗତ ଛାତ୍ରୀଛାତ୍ର କହିଛନ୍ତି, ‘ଅଞ୍ଚଳବାସୀଙ୍କ ଆତିଥେୟତା ଓ ସହଯୋଗ ଆମକୁ ଆପଣାର କରିଛି। ଲୋକଙ୍କ ଆଶା ଆକାଂକ୍ଷାକୁ ସାକାର ରୂପ ଦେବାପାଇଁ ଉଦ୍ୟମ କରିବୁ। ଅତ୍ୟାଧୁନିକ ପଦ୍ଧତିରେ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇବୁ। ମେଡିକାଲ କଲେଜର ପାରିପାର୍ଶ୍ୱିକ ଅବସ୍ଥା, ପରିବେଶ ବେଶ୍ ଉତ୍ସାହପ୍ରଦ। ଛାତ୍ରାବାସରେ ଭଲ ସୁବିଧା ରହିଛି। ଏଠାକାର ଖାଦ୍ୟପେୟ ମଧ୍ୟ ସେମାନଙ୍କୁ ଆକର୍ଷିତ କରିଛି।’

**– ରବୀନ୍ଦ୍ର ମହାକୁଡ଼, ରେମୁଣା**



- ଚଳଚଞ୍ଚଳ ବାଲେଶ୍ୱର ମେଡିକାଲ କଲେଜ କ୍ୟାମ୍ପସ
- ନାମ ଲେଖାଇ ସାରିଲେଣି ୪୩ ଛାତ୍ରୀ, ୫୬ ଛାତ୍ର



“ବାଲେଶ୍ୱର ମେଡିକାଲ କଲେଜ ଓ ହସ୍‌ପିଟାଲ ଜିଲାବାସୀଙ୍କ ଅନେକ ଦିନର ସ୍ୱପ୍ନ ଯାହା ଏବେ ସାକାର ରୂପ ନେଇଛି। ବାଲେଶ୍ୱର ସମେତ ପଡୋଶୀ ଜିଲା ଓ ରାଜ୍ୟର ଅନ୍ୟ ଅଞ୍ଚଳର ଲୋକେ ଏଠାରୁ ଉନ୍ନତ ଚିକିତ୍ସା ସେବା ପାଇ ଉପକୃତ ହେବେ। ମେଡିକାଲ କାଉନସିଲ ଅଫ ଇଣ୍ଡିଆ (ଏମସିଆଇ)ର ଟିମ୍ ଖୁବ୍‌ଶୀଘ୍ର କଲେଜ ପରିଦର୍ଶନରେ ଆସି ଛାତ୍ରୀଛାତ୍ର, ପ୍ରଫେସର ଏବଂ ଷ୍ଟାଫ୍‌ଙ୍କ ରହିବା ସ୍ଥାନ, ଡାକ୍ତରୀ ରୁମ୍, ଲାବୋରେଟୋରି, ଅଡିଟୋରିୟମ, ହଷ୍ଟେଲ ବ୍ୟବସ୍ଥା ଆଦି ସମସ୍ତ ଭିତ୍ତିଭୂମି ପରଖିବେ। ନୂଆ ନାମ ଲେଖାଇଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡିଶା, ହରିୟାଣା, ରାଜସ୍ଥାନ, ଦିଲ୍ଲୀ ଏବଂ ବିହାରର ଛାତ୍ରୀଛାତ୍ର ନାମ ଲେଖାଇଛନ୍ତି। ଏମାନଙ୍କ ମଧ୍ୟରୁ ୧୦ ଜଣ ବାହାର ରାଜ୍ୟରୁ ଆସିଛନ୍ତି।

**– ପ୍ରଫେସର ପ୍ରତାପ ଚନ୍ଦ୍ର ରଥ, କଲେଜର ଅଧକ୍ଷ ତଥା ଡିନ୍**



“ବାଲେଶ୍ୱର ମେଡିକାଲ କଲେଜ ଓ ହସ୍ପିଟାଲ ବିକାଶଧାରା କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡିଛି। ଏହି ମେଡିକାଲ କଲେଜ ଓ ହସ୍ପିଟାଲ ସ୍ଥାପନ ଲାଗି କ୍ରିୟାନୁଷ୍ଠାନ କମିଟି ୨୦୦୫ରୁ କ୍ରମାଗତ ଦାବି ଓ ଆନ୍ଦୋଳନ ଚଳାଇ ଆସିଥିଲା। ଏବେ ବାଲେଶ୍ୱର ଶିକ୍ଷା କ୍ଷେତ୍ରରେ ଏକ ନୂତନ ହବ୍‌ରେ ପରିଣତ ହେବାକୁ ଯାଉଛି। ମେଡିକାଲ କଲେଜକୁ ସମସ୍ତ ସୁବିଧା ଯୋଗାଇ ଦେବା ସକାଶେ କ୍ରିୟାନୁଷ୍ଠାନ କମିଟ ଚେଷ୍ଟା ଜାରି ରଖିବ। ବର୍ତ୍ତମାନ କମିଟିର ୧୪ଶହ ସଦସ୍ୟାସଦସ୍ୟ ଏବଂ ବିଭିନ୍ନ ପଦପଦବୀରେ ୧୩୦ ସଭ୍ୟ ରହି କାର୍ଯ୍ୟ କରୁଛନ୍ତି।

**– ନିରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ, କ୍ରିୟାନୁଷ୍ଠାନ କମିଟି**





ଓଡ଼ିଶା ନିର୍ଭୀକ ସମ୍ବାଦପତ୍ର ଧରିତ୍ରୀର ଉତ୍ତର ଓଡ଼ିଶା ସଂସ୍କରଣର ୧୧ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ବାହାନଗା ବ୍ଲକ ଗୋପାଳପୁର ଅଞ୍ଚଳର ସମସ୍ତ ପାଠକ ପାଠିକାମାନଙ୍କୁ କୃତଜ୍ଞତା ଜଣାଉଛି। ଆଗାମୀ ଦିନରେ ଗୋପାଳପୁର ଅଞ୍ଚଳରେ ଏକ ନିର୍ଭରଯୋଗ୍ୟ ଶିକ୍ଷାନୁଷ୍ଠାନ ଭାବେ **ଶକୁନ୍ତଳା ଟ୍ୟୁଟୋରିଆଲ** କୁ ଗଢିବା ଆମର ସଂକଳ୍ପ।



**ଶ୍ରୀ ସଞ୍ଜୟ କୁମାର ଦାଶ**
ପ୍ରୋପ୍ରାଇଟର

ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ୧୧ ତମ ସ୍ୱନକ୍ଷତ୍ର ଦିବସ ପାଳନ କରୁଥିବାରୁ ତା’ର ଉତ୍ତରୋତ୍ତର ଉନ୍ନତି କାମନା ପ୍ରଭୁ ଜଗନ୍ନାଥଙ୍କଠାରେ କରୁଛି। ସୋର ଓ ବାହାନଗା ବ୍ଲକ ଅଞ୍ଚଳର ଜନସାଧାରଣଙ୍କୁ ବିକାଶ ଧାରାରେ ସାମିଲ ହେବା ପାଇଁ ଆହ୍ୱାନ କରୁଛି।



**ଶ୍ରୀଯୁକ୍ତ ପର୍ଶୁରାମ ଧଡା**
ସୋର ନିର୍ବାଚନମଣ୍ଡଳୀର ବିଧାୟକ









## ବାଇକ୍‌ରେ ଆମ୍ବୁଲାନ୍ସ ସେବା

# ନିଆରା ବ୍ୟକ୍ତିତ୍ୱ ରବୀନ୍ଦ୍ର

**ପେସା ବଢ଼େଇ କାମ, ନିଶା ରୋଗୀସେବା**

ଦୁର୍ଗମ ଅଞ୍ଚଳର ଗରିବ ଲୋକଙ୍କୁ ବାଇକ୍ ଆମ୍ବୁଲାନ୍ସ ସେବା ଯୋଗାଇ ବେଶ୍ ଚର୍ଚ୍ଚାକୁ ଆସିଛନ୍ତି ରବୀନ୍ଦ୍ର କୁମାର ମହାରଣା (୫୪)। ତାଙ୍କ ଘର କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଟୋଲଙ୍କପଡା ଗ୍ରାମରେ। 'ମେଡିକାଲ ଯିବା ପାଇଁ ସେବା' ବୋଲି ଏକ ନାମଫଳକ ସେ ତାଙ୍କ ଘର ଆଗରେ ଝୁଲାଇଛନ୍ତି। ଦରକାର ପଡ଼ିଲେ ଜରୁରୀ ଚିକିତ୍ସା ପାଇଁ ଲୋକେ ତାଙ୍କ ସାହାଯ୍ୟ ଲୋଡନ୍ତି। ରବୀନ୍ଦ୍ର ନିଜେ ବାଇକ୍ ଚଲାଇ ରୋଗୀଙ୍କୁ ଠିକ୍ ସମୟରେ ସରକାରୀ ଡାକ୍ତରଖାନାରେ ପହଞ୍ଚାଇଦିଅନ୍ତି। ଏଥିପାଇଁ କୌଣସି ପ୍ରାପ୍ୟ ଆଶା ନ ରଖି ଦୀର୍ଘଦିନ ଧରି ଏଭଳି ସେବା ଯୋଗାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି ରବୀନ୍ଦ୍ର।

ଦୁର୍ଗମ ଅଞ୍ଚଳରୁ ରୋଗୀଙ୍କୁ ଡାକ୍ତରଖାନା ଆଣିବା ପାଇଁ ସରକାର କେତେକ ସ୍ଥାନରେ ଆମ୍ବୁଲାନ୍ସ ବାଇକ୍ ବ୍ୟବସ୍ଥା ପରୀକ୍ଷା ମୂଳକ ଆରମ୍ଭ କରିଥିଲେ। କିନ୍ତୁ ଏହା ପୂର୍ବରୁ ରବୀନ୍ଦ୍ର ସେବା ମନୋଭାବ ନେଇ ୨୦୦୦ ମସିହାରୁ ଏଭଳି ପ୍ରୟାସ ଜାରି ରଖିଥିବା ଏକ ସାକ୍ଷାତକାରରେ କହିଛନ୍ତି। ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରୁ ଟୋଲଙ୍କପଡାର ଦୂରତା ୧୦ କିମି ହେବ। ଏହି ଅଞ୍ଚଳର ଗରିବ ଲୋକେ ଅର୍ଥାଭାବ ଓ ଯିବାଆସିବା ସୁବିଧା ଅଭାବରୁ ଜରୁରୀ ଚିକିତ୍ସା ପାଇଁ ଡାକ୍ତରଖାନା ଯାଇପାରି ନ ଥାନ୍ତି। ଏହି କାରଣରୁ ଅନେକ ରୋଗୀ ଅକାଳରେ ମୃତ୍ୟୁବରଣ କରିବା ନଜିର ରହିଛି। ବଢେଇ କାମ ହେଉଛି ରବୀନ୍ଦ୍ରଙ୍କ କୌଳିକ ବୃତ୍ତି । ଦୀର୍ଘ ୪୦ ବର୍ଷ ଧରି ବଢେଇ କାମ କରି ସେ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଜିଲା ଓ ଜିଲା ବାହାରେ ବିଭିନ୍ନ ସ୍ଥାନକୁ ଯାଇ ଘର, ଅଫିସ, ମନ୍ଦିର ଆଦିରେ କାଠ କାମ କରିଥାନ୍ତି। କେନ୍ଦୁଝର ବାଁପାରସ୍ଥିତ ନିର୍ମାଣାଧୀନ ଶିରିଡି ସାଇବାବା ମନ୍ଦିରର କବାଟ କାମ ଏବେ କରୁଥିବା ସେ କହିଛନ୍ତି। ସ୍ତ୍ରୀ, ଗୋଟିଏ ପୁଅ ଓ ୪ ଝିଅଙ୍କୁ ନେଇ ତାଙ୍କ ପରିବାର । ସୀମିତ ରୋଜଗାର ସତ୍ତ୍ୱେ ୩ ଝିଅଙ୍କୁ ବାହା କରାଇଦେଇଛନ୍ତି। କାଠ କାମରେ ନିପୁଣ ରବୀନ୍ଦ୍ର ବିଭିନ୍ନ ଆସବାବପତ୍ର ସମେତ ସୌଖୀନ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ତାଙ୍କ ହାତତିଆରି ନିଆରା ବାକ୍ସକୁ ସମସ୍ତେ ପସନ୍ଦ କରନ୍ତି। ଏହି ବାକ୍ସରେ ଅନ୍ୟ ବାକ୍ସ ଭଳି ଚାବି ପଡେ ନାହିଁ। କିନ୍ତୁ ଏହି ବାକ୍ସ ଅନ୍ୟ କେହି ଖୋଲିପାରିବେ ନାହିଁ। ଏହି ନିର୍ମାଣ କୌଶଳ ସେ ତାଙ୍କ ବାପାଙ୍କଠାରୁ ଶିଖିଥିବା କୁହନ୍ତି। ଆଗ୍ରହୀ ପିଲାଙ୍କୁ ସେ ଏହି ବାକ୍ସ ତିଆରି କଳା ଶିଖାଇ ଆସୁଛନ୍ତି। ନିଷ୍ଠାର ସହ ବୃତ୍ତି କାର୍ଯ୍ୟ କରିବା ସାଙ୍ଗକୁ ରୋଗୀଙ୍କୁ ବାଇକ ଆମ୍ବୁଲାନ୍ସ ସେବା ଯୋଗାଇ ସେ ଆତ୍ମ ସନ୍ତୋଷ ପାଉଥିବା କହନ୍ତି।

**– ନରେଶ ଚନ୍ଦ୍ର ପଟ୍ଟନାୟକ, କେନ୍ଦୁଝର**



**ବିସ୍ମୟ ବାଳକ**

- ବୟସ ଅଳ୍ପ, ବଡ଼ ମନ
- ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି
- ଓଡ଼ିଶାର ନାଁ ଉଜ୍ଜ୍ୱଳ କରିବାକୁ ବଦ୍ଧପରିକର

# ସୌମ୍ୟରଞ୍ଜନ



କେହି କେହି ତାଙ୍କୁ କହନ୍ତି ବିସ୍ମୟ ବାଳକ। ଅସାଧାରଣ ପ୍ରତିଭା। ବିଚକ୍ଷଣ ବୁଦ୍ଧିମତ୍ତା। ମାତ୍ର ୮ ବର୍ଷ ବୟସରେ ରାଜ୍ୟ ଓ ଜାତୀୟ ସ୍ତରରେ ଟାଏକୋଣ୍ଡୋ ଓ କିକ୍ ବକ୍ସିଂ ଆଦି ପ୍ରତିଯୋଗିତାରେ ଭାଗନେଇ ସେ ଅନେକ ସ୍ୱର୍ଣ୍ଣ , ରୌପ୍ୟ ପଦକ ହାସଲ କରିଛନ୍ତି। ଅଞ୍ଚଳ ଲାଗି ଆଣିଛନ୍ତି ସୁନାମ ଓ ଗୌରବ। ଆଗକୁ ନିଜ ରାଜ୍ୟ ଆଉ ଦେଶର ନାମକୁ ଉଜ୍ଜ୍ୱଳ କରିବାକୁ ତାଙ୍କ ମନରେ ଭରି ରହିଛି ଅବଦମିତ ଉତ୍ସାହ।

ଏହି ପ୍ରତିଭାସମ୍ପନ୍ନ ବାଳକ ଜଣକ ହେଲେ ବାଲେଶ୍ୱର ଜିଲା ଖଇରା ବ୍ଲକ ବୁଡାଗଡିଆସ୍ଥିତ ଶ୍ରୀ ଗୌରରାଧା ଶିକ୍ଷାକେନ୍ଦ୍ରର ୩ୟ ଶ୍ରେଣୀ ଛାତ୍ର ସୌମ୍ୟରଞ୍ଜନ ସେଠୀ। ଘର ଖଇରା ବ୍ଲକର ନନ୍ଦୁର ଗ୍ରାମରେ। ମା' ନର୍ମଦା ଓ ବାପା ମାନସ ସେଠୀ। ଗଣ୍ଡିବେଡ ବଜାରରେ ମାନସଙ୍କର ଏକ ବାଇକ ଗ୍ୟାରେଜ ଅଛି। ଏହି ଛୋଟିଆ ବ୍ୟବସାୟ କରି ପୁଅକୁ ବଡ କରିବାର ସ୍ୱପ୍ନ ନେଇ ସେ କଠିନ ପରିଶ୍ରମ କରି ଚାଲିଛନ୍ତି। ଭଦ୍ରକ ସ୍ଥିତ ଓଡିଶା ଟାଏକୋଣ୍ଡୋ ତାଲିମ କେନ୍ଦ୍ରରେ ୨ବର୍ଷ ହେଲା ସେ ସୌମ୍ୟରଞ୍ଜନଙ୍କୁ ପ୍ରଶିକ୍ଷଣ ଯୋଗାଉଛନ୍ତି। ନେହେରୁ ଷ୍ଟାଡିୟମରେ ପ୍ରଶିକ୍ଷକ ପ୍ରଫୁଲ୍ଲ ସାମନ୍ତ ତାଙ୍କୁ ନିୟମିତ ତାଲିମ୍ ଦେଉଛନ୍ତି। ୨୦୧୭ରେ ବାରବାଟୀ ଷ୍ଟାଡିୟମରେ ୨୨କେଜି ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଭାଗନେଇ ସୌମ୍ୟରଞ୍ଜନ କ୍ୟାରିୟରରେ ପ୍ରଥମ ଗୋଲ୍ଡ ମେଡାଲ ଜିତିଥିଲେ। ୨୦୧୭ ନଭେମ୍ବର ୧୧ ଓ ୧୨ତାରିଖରେ କଲିକତାରେ ମାର୍ଶାଲ ଆର୍ଟ ଚାମ୍ପିୟନଶିପରେ ଭାଗ ନେଇ ସେ ସ୍ୱର୍ଣ୍ଣ ପଦକ ପାଇଥିଲେ। ସେହିପରି ୨୦୧୭ ଡିସେମ୍ବରରେ ନୂଆଦିଲ୍ଲୀର ତାଲକୋଟ୍ରା ଇନଡୋର ଷ୍ଟାଡିୟମରେ ୩ୟ ଦକ୍ଷିଣ ଏସୀୟ ଅନ୍ତର୍ଦେଶୀୟ ପ୍ରତିଯୋଗିତାରେ ଭାଗନେଇ ସେ ୨୨କେଜି ବର୍ଗରେ ୧ମ ସ୍ଥାନ ଅଧିକାର କରିଥିଲେ। ଗୋଆର ଶ୍ୟାମାପ୍ରସାଦ ମୁଖାର୍ଜୀ ଷ୍ଟାଡିୟମରେ ୨୦୧୮ଜୁନ ୮ରୁ ୧୦ତାରିଖ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ ଚାମ୍ପିୟନଶିପରେ ସେ ପାଇଥିଲେ ବ୍ରୋଞ୍ଜ ମେଡାଲ। ନୂଆଦିଲ୍ଲୀ ଓ କଟକ ଇନଡୋର ଷ୍ଟାଡିୟମରେ ଆୟୋଜିତ ଅନ୍ୟ କେତେକ ପ୍ରତିଯୋଗିତରେ ଅଂଶଗ୍ରହଣ କରି ସେ ମଧ୍ୟ ପଦକ ହାତେଇଛନ୍ତି।

ଟିଭିରେ ସ୍ପୋର୍ଟସ୍ ଚ୍ୟାନେଲ ଦେଖିବାକୁ ସୌମ୍ୟରଞ୍ଜନ ଖୁବ୍ ଭଲ ପାଆନ୍ତି। ଅଲିମ୍ପିକ କିମ୍ବା ଏସିଆନ ଗେମ୍ସରେ ପ୍ରତିଯୋଗିତା ଦେଖିଲେ ସେ ଉତ୍ସାହିତ ହୋଇଉଠନ୍ତି। ଦିନେ କିଭଳି ସେହି ସ୍ଥାନକୁ ଯାଇ ଖେଳିବେ ପିଲାଟି ବେଳୁ ସେକଥା କହିଆସୁଥିବା ତାଙ୍କ ମାତାପିତା କହିଛନ୍ତି। ଖଇରା ଅଞ୍ଚଳରେ ପ୍ରଶିକ୍ଷଣ ନେବା ସୁବିଧା ନ ଥିବାରୁ ସୌମ୍ୟରଞ୍ଜନଙ୍କୁ ସେମାନେ ୩୦କି.ମି. ଦୂର ଭଦ୍ରକ ପଠାଉଥିବାରୁ ହଇରାଣ ହେଉଛନ୍ତି। ଏହାସତ୍ତ୍ୱେ ଯେ ପର୍ଯ୍ୟନ୍ତ ସେ ଖେଳିବାକୁ ଚାହିଁବ, ଯେତେ କଷ୍ଟ ହେଉ ପଛେ ତାଙ୍କୁ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଉଭୟ ମା'ବାପା ସଙ୍କଳ୍ପବଦ୍ଧ। ସରକାରଙ୍କଠାରୁ ସହଯୋଗ ମିଳିଲେ ଆଗକୁ ବଢିବା ଲାଗି ଅଧିକ ସାହସ ମିଳିପାରନ୍ତା ବୋଲି ବାପା ମାନସ କହିଛନ୍ତି।

**– ଉତ୍କଳବନ୍ଧୁ ପଣ୍ଡା, ଖଇରା**





**APPOINTMENT**

**VENUS GROUP OF EDUCATIONAL AND RESEARCH INSTITUTES (VGERI)**

**BAHANAGA, BALASORE, PIN – 756042**
**POST REQUIRED FOR DIPLOMA ENGINEERING**

**(1) ASSISTANT PROFESSOR** : ( Branch – Mechanical Engg., Electrical Engg., Civil Engg.) Qualification: - ME, M.Tech in the respective branch. Teaching experience is preferable, **(2) LECTURER :** ( Branch – Civil Engg., Electrical Engg., Mechanical Engg., ETC Engg.) Qualification: B.Tech. with two years teaching experience, Fresher may apply, **(3)BASIC SCIENCE :** (Branch- Physics, Chemistry, Mathematics) Qualification- M.Sc in respective subjects, two years experience is preferable, **(4)ADMINISTRATIVE OFFICER :** Qualification : MBA/ MCA with skilled computer knowledge and well experience in office management, **(5) LAB DEMONSTRATOR :** (Branch –Mechanical, Civil, Electrical Engg.) Qualification – Diploma in the respective branch with two years experience, **(6) DATA ENTRY OPERATOR(DEO)**: Qualification – BCA/PGDCA with skilled knowledge in computer official work, **(7)DRIVER** – Badge license with minimum five years experience. Salary negotiable. Apply within 10 days from the date of Advertisement . Email: venusdiploma@gmail.com, Mob – 9437977877.

**Sd./- Principal**




ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ୧୧ତମ ସ୍ୱନକ୍ଷତ୍ର ଦିବସ ପାଳନ କରୁଥିବାରୁ ତା'ର ଉତ୍ତରୋତ୍ତର ଉନ୍ନତି କାମନା କରିବା ସହିତ ପୂର୍ବଭଳି ସେ ନିର୍ଭୀକ ଓ ସତ୍ୟ ଖବର ପ୍ରସାରଣ କରି ରାଜ୍ୟର ଏକ ପ୍ରମୁଖ ସ୍ଥାନ ବଜାୟ ରଖୁ । ଧରିତ୍ରୀ ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଗଠନର ପ୍ରୟାସରେ ସମସ୍ତେ ସାମିଲ ହୋଇ ପ୍ଲାଷ୍ଟିକମୁକ୍ତ ଓଡ଼ିଶା ଗଠନରେ ସହଯୋଗର ହାତ ବଢାନ୍ତୁ।



**ପ୍ରଭେଜ ପିଲି**
ଫାଲ୍‌କନ୍ ମେରାଇନ୍ ଏକ୍ସପୋର୍ଟ
ଜେନେରାଲ ମ୍ୟାନେଜର



**ଉତ୍ତମ ଜେନା**
ଫାଲ୍‌କନ୍ ମେରାଇନ୍ ଏକ୍ସପୋର୍ଟ
ପବ୍ଲିକ୍ ରିଲେଶନ ଅଫିସର




**ଅଭିନନ୍ଦନ**

ସତ୍ୟ ଓ ନିରପେକ୍ଷ ଖବର ପ୍ରକାଶନ ପାଇଁ ଧରିତ୍ରୀର ଭୂମିକା ପ୍ରଶଂସନୀୟ। ସ୍ୱନକ୍ଷତ୍ର ଦିବସରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ ଅଣଶିକ୍ଷକ କର୍ମଚାରୀଙ୍କ ତରଫରୁ 'ଧରିତ୍ରୀ'ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।



**ପ୍ରାଧ୍ୟାପକ ରାମଚନ୍ଦ୍ର ସାହୁ**
ଅଧ୍ୟକ୍ଷ, ନୀଳମଣି ମହାବିଦ୍ୟାଳୟ
ରୂପ୍‌ସା, ବାଲେଶ୍ୱର




**ଅଭିନନ୍ଦନ**

ନିରପେକ୍ଷ ଖବର ପ୍ରକାଶନ କ୍ଷେତ୍ରରେ ଧରିତ୍ରୀର ଭୂମିକା ପ୍ରଶଂସନୀୟ। ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଧରିତ୍ରୀ ପରିବାରର ଶୁଭକାମନା କରୁଛି।



**ମିନତୀରାଣୀ ବେହେରା**
ଅଧ୍ୟକ୍ଷା, ଯୋଗେନ୍ଦ୍ର ଆଞ୍ଚଳିକ ମହାବିଦ୍ୟାଳୟ
ଆଙ୍କୋ, ରୂପ୍‌ସା, ବାଲେଶ୍ୱର




ଧରିତ୍ରୀ ଉତ୍ତର ଓଡ଼ିଶା ସଂସ୍କରଣର ୧୧ ତମ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ମୁଁ ସୋର ନିର୍ବାଚନ ମଣ୍ଡଳୀର ଜନସାଧାରଣଙ୍କୁ ସହଯୋଗ କାମନା କରିବା ସହିତ ନିର୍ଭୀକ ସମ୍ବାଦପତ୍ର ଧରିତ୍ରୀ ଉତ୍ତରୋତ୍ତର ବିକାଶ କାମନା କରୁଛି।



**ଶ୍ରୀଯୁକ୍ତ ସୁରେନ୍ଦ୍ର ପ୍ରସାଦ ପ୍ରମାଣିକ**
ସୋର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ




# ସବୁଠି ଆଧୁନିକତାର ଦୌଡ଼

## ଭିତ୍ତିଭୂମି ବିନା ବିକାଶ ଅଧୁରା

ସମସ୍ତେ ଆଧୁନିକତାର ଦୌଡ଼ ପଛରେ। ସମୟ ସହ ତାଳ ଦେଇ ସହରଠୁ ଗାଁ ମଣିଷର ଜୀବନଧାରା ବଦଳି ଚାଲିଛି। ରାସ୍ତାଘାଟ ସମ୍ପ୍ରସାରଣ ସାଙ୍ଗକୁ ସହରାଞ୍ଚଳରେ ଅତ୍ୟାଧୁନିକ ସପିଂ ମଲ୍, ଷ୍ଟାର ହୋଟେଲ, ଆମ୍ୟୁଜିଙ୍ଗ ପାର୍କ, ସୁଇମିଙ୍ଗ ପୁଲ ଏବଂ ଫ୍ରି ୱାଇଫାଇ ଜୋନ୍ ଯୁବପିଢ଼ିଙ୍କୁ ଅଧିକ ଆକୃଷ୍ଟ କରୁଛି। ବିକାଶଧାରା କ୍ଷେତ୍ରରେ ଅନ୍ୟ ଅଞ୍ଚଳ ସହ ତାଳ ଦେଇ ଆଗକୁ ବଢ଼ିବା ସକାଶେ ଯୁବପିଢ଼ି ଅନେକ ଆଶା ଆକାଙ୍କ୍ଷା ରଖୁଛନ୍ତି। ଜିଲା ପୁନର୍ଗଠନ ପରେ ଐତିହ୍ୟସମ୍ପନ୍ନ ଭଦ୍ରକ ସଦରମହକୁମାରେ ଯେଉଁଭଳି ବିକାଶ ଓ ପରିବର୍ତ୍ତନ ଆସିବ ବୋଲି ଆଶା ଥିଲା ତାହା ଅଧୁରା ହୋଇ ରହିଛି। ସ୍ଥାନାଭାବ ସମସ୍ୟା ଯୋଗୁ ଅନେକ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏ ସମ୍ପର୍କରେ ଏକ ମତାମତ ଭିତ୍ତିକ ଉପସ୍ଥାପନା...

– ରିପୋର୍ଟ: ବିଭୂପ୍ରସାଦ ବେହେରା, ଭଦ୍ରକ



"ଜିଲା ଘୋଷଣା ହେବାର ୨୫ ବର୍ଷ ବିତିଲାଣି। ଏଠାରେ ଜିଲା ମୁଖ୍ୟାଳୟର ବିଭିନ୍ନ କାର୍ଯ୍ୟାଳୟ ଏଯାଏ ଖୋଲି ନାହିଁ। ଜିଲାବାସୀଙ୍କୁ ପଡ଼ୋଶୀ ଜିଲାରେ ଖୋଲାଯାଇଥିବା ବିଭିନ୍ନ କୋର୍ଟ ଉପରେ ନିର୍ଭର କରିବାକୁ ପଡୁଛି। ପୌରପାଳିକାର ଆବଶ୍ୟକ ଭିତ୍ତିଭୂମି ଉପଲବ୍ଧ ହୋଇନାହିଁ। ସିଟିବସ୍ ବ୍ୟବସ୍ଥା ଝୁଲି ରହିଛି। ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଯାଇ ପାରୁନାହିଁ। ଜବରଦଖଲ ସମସ୍ୟା ବିକାଶରେ ଅନ୍ତରାୟ ସୃଷ୍ଟି କରିଛି। ଏସବୁ ସମସ୍ୟା ଦୂର କରି ସହରକୁ ୱାଇଫାଇ ଭଳି ଅତ୍ୟାଧୁନିକ ବ୍ୟବସ୍ଥାରେ ସାମିଲ କରାଯିବା ଆବଶ୍ୟକ।

- ପଦ୍ମିନୀ ବିଶ୍ୱାଳ, ମହିଳା ଆଇନଜୀବୀ, ଭଦ୍ରକ



"ସହରର ସୌନ୍ଦର୍ଯ୍ୟକରଣ ଲାଗି କାହାରି ନିଘା ଥିବା ମନେ ହୁଏ ନାହିଁ। ରାତି ହେଲେ ଗଳିକନ୍ଦି ଅନ୍ଧାର ରହୁଛି। ସହରବାସୀଙ୍କ ପାଇଁ ପାର୍କ ଓ ଖେଳାଳିଙ୍କ ପାଇଁ ଷ୍ଟାଡିୟମ ନ ଥିବାବେଳେ ରାସ୍ତାଘାଟରେ ଟ୍ରାଫିକ ସମସ୍ୟା ସବୁବେଳେ ଲାଗି ରହୁଛି। ଜିଲାରେ ବହୁ କ୍ରୀଡ଼ା ପ୍ରତିଭା ରହିଛନ୍ତି। ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ଯୋଜନା କରାଯାଉଥିଲେ ମଧ ଭିତ୍ତିଭୂମି ଅଭାବ ଏସବୁକୁ ଫିକା ପକାଇଛି।

- ରାଜଲକ୍ଷ୍ମୀ ଡାକୁଆ, ବାସ୍କେଟ ବଲ୍ ଖେଳାଳି, ଭଦ୍ରକ



"ଫ୍ରି ୱାଇଫାଇ ଜୋନ୍ ନ ଥିବାରୁ ଯୁବପିଢ଼ି ନିଜସ୍ୱ ମୋବାଇଲ ଇଣ୍ଟରନେଟ ବ୍ୟବହାର କରୁଛନ୍ତି। ସହରର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ୪ଜି ଇଣ୍ଟରନେଟ ସେବା କାର୍ଯ୍ୟ କରୁନାହିଁ। ଅତ୍ୟାଧୁନିକ ଯୁଗରେ ଇଣ୍ଟରନେଟ ବ୍ୟବହାର ଜୀବନଧାରାର ଏକ ମୁଖ୍ୟ ଅଙ୍ଗ ହୋଇପଡ଼ିଛି। ଏଥିପ୍ରତି ଉପଯୁକ୍ତ ଯୋଜନା ହେବା ଦରକାର।

- ସ୍ୱାଧୀନ ସୁନ୍ଦର ଦାସ, ଛାତ୍ରନେତା, ଭଦ୍ରକ



"ଭଦ୍ରକରେ ମେଡିକାଲ କଲେଜ ଖୋଲିବ ବୋଲି ସରକାରୀ ଭାବେ ଏବେ ଘୋଷଣା କରାଯାଇଛି। ଏହା ଶୀଘ୍ର କାର୍ଯ୍ୟକାରୀ ହେବା ଦରକାର। ବର୍ତ୍ତମାନ ଜିଲା ମୁଖ୍ୟାଳୟ ଡାକ୍ତରଖାନାରେ ଆଇସିୟୁ ଭଳି ସୁବିଧା ନାହିଁ କି ଅତ୍ୟାଧୁନିକ ଚିକିତ୍ସାସେବା ମିଳୁ ନାହିଁ। ସହରର ସର୍ବାଙ୍ଗୀନ ବିକାଶ ପାଇଁ ଧାନ ଦେବାର ବେଳ ଆସିଛି।

- ଜି. ଶିବଶଙ୍କର, ବ୍ୟବସାୟୀ, ଭଦ୍ରକ



"ସହରରେ ଉନ୍ନତ ଷ୍ଟାଡିୟମ, ପ୍ଲେ ଜୋନ୍ ଏବଂ ଇନଡୋର ଷ୍ଟାଡିୟମ ନ ଥିବାରୁ ଯୁବଖେଳାଳିମାନେ ନିରୁତ୍ସାହିତ ହେଉଛନ୍ତି। ସ୍ପୋର୍ଟ୍ସ ହଷ୍ଟେଲ ନ ଥିବାରୁ ଏହା କ୍ରୀଡ଼ା ପ୍ରତିଭା ସୃଷ୍ଟିରେ ଅନ୍ତରାୟ ସାଜୁଛି।

- ଚିନ୍ମୟ ବେହେରା, କ୍ରୀଡ଼ାବିତ୍, ଭଦ୍ରକ



"ପାର୍କ, ଲାଇବ୍ରେରୀ, ଅବସର ବିନୋଦନ ବ୍ୟବସ୍ଥା ଆଧୁନିକ ସହରୀ ଜୀବନର ଅଂଶବିଶେଷ। ମହିଳା କ୍ରୀଡ଼ାର ବିକାଶ ପାଇଁ ବିଭିନ୍ନ ଜିଲାରେ ପଦକ୍ଷେପ ନିଆଯାଉଥିବା ବେଳେ ଭଦ୍ରକ ପଛରେ ପଡ଼ିଛି। ଏଥିଲାଗି ଅତ୍ୟାଧୁନିକ ସହର ଯୋଜନା ଏଠି ଧିମେଇ ଯାଇଛି।

- ହିମାସ୍ମି ସ୍ୱାଇଁ, ମହିଳା କ୍ରୀଡ଼ାବିତ୍


ଶୁଭ ଅଭିନନ୍ଦନ
ଦୈନିକ ଖବରକାଗଜ ଧରିତ୍ରୀ ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଦିବସରେ କିଷ୍ମତକୃଷ୍ଣପୁର ଗ୍ରାମ ପଞ୍ଚାୟତର ସମସ୍ତ ଭୋଟର ଓ ଜନସାଧାରଣଙ୍କର ଉନ୍ନତି ଓ ସୁଖ ସମୃଦ୍ଧି କାମନା କରିବା ସହିତ ଧରିତ୍ରୀର ଶୁଭ ମନାସୁଛି।
ରତିକାନ୍ତ ବାରିକ
ସମିତି ସଭ୍ୟ, କିଷ୍ମତକୃଷ୍ଣପୁର ଗ୍ରାମପଞ୍ଚାୟତ
ବାସୁଦେବପୁର, ଭଦ୍ରକ

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ବାହାନଗା ବ୍ଲକ ଅଞ୍ଚଳ ଓ ଗୋପାଳପୁର ପଞ୍ଚାୟତର

ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହିତ ଧରିତ୍ରୀର ଉତ୍ତରୋତ୍ତର ଉନ୍ନତି କାମନା କରୁଛୁ।

ଅଶ୍ୱିନୀ ମହାପାତ୍ର
ବାହାନଗା ବ୍ଲକ ଅଞ୍ଚଳର ବିଜେଡି ନେତା
ତୁଷାରକାନ୍ତୀ ମହାପାତ୍ର
ଗୋପାଳପୁର ଗ୍ରାମପଞ୍ଚାୟତର ସମିତିସଭ୍ୟା


ଧରିତ୍ରୀ ଉତ୍ତର ଓଡିଶା ସଂସ୍କରଣ ପାଳନ ଅବସରରେ ବାହାନଗା ବ୍ଲକ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇବା ସହିତ ରାଜ୍ୟ ସରକାରଙ୍କ ଲୋକଭିମୁଖୀ କାର୍ଯ୍ୟରେ ସହଯୋଗ କରିବା ସହିତ ସରକାରଙ୍କ ବିକାଶ ଧାରାରେ ସାମିଲ ହେବାକୁ ଆହ୍ୱାନ ଦେଉଛି।
ଅଜୟ କୁମାର ପଣ୍ଡା (ନିଲୁଆ ନନା)
ବାହାନଗା ବ୍ଲକ ବିଜେଡି ସଭାପତି


ଶୁଭ ଅଭିନନ୍ଦନ
ଦୈନିକ ଧରିତ୍ରୀ ବାଲେଶ୍ୱର ସଂସ୍କରଣ ସ୍ୱନକ୍ଷତ୍ର ଦିବସ ଅବସରରେ ଧରିତ୍ରୀର ଶୁଭକାମନା କରିବା ସହ ବିଦେଇପୁର ଗ୍ରାମପଞ୍ଚାୟତର ସମସ୍ତ ଜନସାଧାରଣ ତଥା ଭାଇ ଓ ଭଉଣୀଙ୍କ ସୁଖ ସମୃଦ୍ଧି କାମନା କରୁଛି।
ସୁବ୍ରତ କୁମାର ରାୟ
ସରପଞ୍ଚ, ବିଦେଇପୁର ଗ୍ରାମପଞ୍ଚାୟତ
ବାସୁଦେବପୁର, ଭଦ୍ରକ


ଧରିତ୍ରୀ ବାଲେଶ୍ୱର ସଂସ୍କରଣ ଅବସରରେ ସମସ୍ତ ପାଠିକାପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ପିଣ୍ଟୁ ମାଇତି
ଜିଲ୍ଲା ସଭାପତି, ଜେଏମଏମ ଯୁବ ମୋର୍ଚ୍ଚା


ଧରିତ୍ରୀ ବାଲେଶ୍ୱର ସଂସ୍କରଣ ଅବସରରେ ସମସ୍ତ ପାଠିକାପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ସୁବ୍ରମଣ୍ୟମ ମହାନ୍ତି
ଉତ୍ତର ଓଡିଶା ଜୋନ ସଭାପତି
ଯୁବ ବିଜେଡି


ଧରିତ୍ରୀ ବାଲେଶ୍ୱର ସଂସ୍କରଣ ଅବସରରେ ସମସ୍ତ ପାଠିକାପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଜିତେନ୍ଦ୍ର ମହାନ୍ତି
ଜିଲ୍ଲା ଯୁବ ସଭାପତି, ଯୁବ ବିଜେଡି


ଧରିତ୍ରୀ ବାଲେଶ୍ୱର ସଂସ୍କରଣ ଅବସରରେ ସମସ୍ତ ପାଠିକାପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ଡ. ସରୋଜ ନାୟକ
ଶିକ୍ଷକ, ଏମକେସି ହାଇସ୍କୁଲ, ବାରିପଦା


ଧରିତ୍ରୀ ବାଲେଶ୍ୱର ସଂସ୍କରଣ ଅବସରରେ ସମସ୍ତ ପାଠିକାପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
ସୁଜିତ କୁମାର ମହାନ୍ତି
ବରିଷ୍ଠ ବିଜେଡି ନେତା
ବାଘଡାରୋଡ, ବାରିପଦା


Bharat Petroleum
Minz Fuel Station
Bharat Petroleum
'ଧରିତ୍ରୀ'ର ସ୍ୱନକ୍ଷତ୍ର ଦିବସରେ ଶୁଭେଚ୍ଛା ଜଣାଉଛି। ଜାମୁଝାଡି–ବାଲେଶ୍ୱର।
ସୌଜନ୍ୟ : ଅମରଜିତ୍ ଜେନା (ଟୁକୁ)


ଧରିତ୍ରୀ ବାଲେଶ୍ୱର ସଂସ୍କରଣ ଅବସରରେ ସମସ୍ତ ପାଠିକାପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
କଳିଙ୍ଗ କେଶରୀ ଜେନା
କେନ୍ଦ୍ରୀୟ କମିଟି ସଦସ୍ୟ, ଜେଏମଏମ


ଧରିତ୍ରୀ ଉତ୍ତର ଓଡିଶା ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ କରୁଥିବାରୁ ତା'ର ଉତ୍ତରୋତ୍ତର ବିକାଶ କାମନା କରୁଛି। ବାହାନଗା ବ୍ଲକ ଅଞ୍ଚଳର ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି।
ଶ୍ରୀଧର ମହାନ୍ତି
ଭଦ୍ରକ ସାଂସଦଙ୍କ ପ୍ରତିନିଧି

ସତ୍ୟମେବ ଜୟତେ
ଧରିତ୍ରୀର ଉତ୍ତର ଓଡିଶା ସଂସ୍କରଣର ଜନ୍ମଦିନ ପାଳନ ଅବସରରେ ଖଇରା ବ୍ଲକର ସମସ୍ତ ମା' ମାଉସୀ, ଭାଇଭଉଣୀଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

ଶ୍ରୀମତୀ ଅଭିଲିପ୍ସା ସାହୁ
ଅଧକ୍ଷା, ଖଇରା ବ୍ଲକ

ରାଜ୍ୟ ଓ ଦେଶର ଏକମାତ୍ର ବିକଳ୍ପ – କଂଗ୍ରେସ
କଂଗ୍ରେସର ହାତ ଦେଶବାସୀଙ୍କ ସହିତ।
ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ସମସ୍ତ କଂଗ୍ରେସ କର୍ମୀଙ୍କୁ ଅଶେଷ ଅଶେଷ ଶୁଭେଚ୍ଛା।
ରବୀନ୍ଦ୍ର କୁମାର ଶତପଥୀ
ଉପସଭାପତି, ଜିଲ୍ଲା କଂଗ୍ରେସ କମିଟି

DSITC
ଧରିତ୍ରୀ ବାଲେଶ୍ୱର ସଂସ୍କରଣ ଜନ୍ମଦିନରେ D.S. I.T.I ପକ୍ଷରୁ ଖଇରା ଓ ସିମୁଳିଆ ବ୍ଲକର ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।
୧. ୨୦୧୮ ମସିହାରେ Videocon Industries Ltd. ଔରଙ୍ଗାବାଦରେ Campusରେ ୧୦୩ ଜଣଙ୍କୁ ନିଯୁକ୍ତି।
୨. ୨୦୧୭ ମସିହାରେ Bedanta Ltd. ରେ ୪୫ ଜଣଙ୍କୁ ନିଯୁକ୍ତି।
୩. ପ୍ରତ୍ୟେକ ବର୍ଷ Manjushree Technology, ବାଙ୍ଗାଲୋରରେ ୫୦ ଜଣଙ୍କ ପାଇଁ Apprenticeship Training ର ବ୍ୟବସ୍ଥା।
Director
DS ITI, Khaira

ଧରିତ୍ରୀ ବାଲେଶ୍ୱର ସଂସ୍କରଣ ଅବସରରେ ସମସ୍ତ ପାଠିକାପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।

ସାନନ୍ଦ ମାରାଣ୍ଡି
ଉପବାଚସ୍ପତି, ଓଡ଼ିଶା ବିଧାନସଭା

ଏକ ଭାରତ ଶ୍ରେଷ୍ଠ ଭାରତ
ବିଜେପି ଯେଉଁଠି ବିକାଶ ସେଇଠି

ଓଡିଶାରେ ମିଶନ ୧୨୦+କୁ ସଫଳ କରିବା ପାଇଁ ବିଜେପି ହାତରେ ହାତ ମିଶାନ୍ତୁ।
ଶଶି କୁମାର ସାହୁ
ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଭାଜପା ବିଧାୟକ ପ୍ରାର୍ଥୀ ସିମୁଳିଆ ନିର୍ବାଚନମଣ୍ଡଳୀ

ଗାଁ ଗାଁରେ ଉନ୍ନତି, ବିଜେଡି ଦଳର ପ୍ରତିଶ୍ରୁତି
ଖଇରା ଓ ସିମୁଳିଆ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନରେ ବିକାଶର ଧାରାକୁ ଆଗେଇ ନେବା ପାଇଁ ବିଜେଡିକୁ ପୂର୍ବଭଳି ସହଯୋଗ ଜାରି ରଖନ୍ତୁ।
ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଖଇରା ସିମୁଳିଆର ସମସ୍ତ ସାମ୍ବାଦିକ ତଥା ପ୍ରତ୍ୟେକ ନାଗରିକଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରୁଛି।

ଜ୍ୟୋତି ପ୍ରକାଶ ପାଣିଗ୍ରାହୀ
ବିଧାୟକ, ସିମୁଳିଆ ନିର୍ବାଚନ ମଣ୍ଡଳୀ

ଗୁରୁ ଦକ୍ଷିଣା ଅଫର
୧୪ ତାରିଖ ପର୍ଯ୍ୟନ୍ତ
୨୦୦୦ ଟଙ୍କା ଛାଡ଼
ସବୁ ହିରୋ ଗାଡ଼ି ଉପରେ ଶିକ୍ଷକ ମାନଙ୍କ ପାଇଁ।

Hero
ସାଇ ଆଶିଷ୍ ଅଟୋ ମୋବାଇଲ୍ସ
ମାର୍କୋଣା, ବାଲେଶ୍ୱର
ମୋ:୯୪୩୮୩୫୩୦୩୫

ଧରିତ୍ରୀ ବାଲେଶ୍ୱର ସଂସ୍କରଣର ସ୍ୱନକ୍ଷତ୍ର ଦିବସରେ ଖଇରାର ପ୍ରତ୍ୟେକ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ।

ତୁମେ ଧରିତ୍ରୀ ଭଳି ଧରି ରଖିଛ ସତ୍ୟକୁ
ଛୁଇଁଛ ଅସହାୟ ମଣିଷର ଦୁଃଖକୁ
ତୁମେ ଅପହଞ୍ଚ ଇଲାକାରେ ସାଜିଛ ଆଲୋକବର୍ତ୍ତିକା
ପୋଛି ଦେଇଛ ଲୁହ କେତେ ଆଖିର
ଲିଭାଇଛ ଦରଦୀ ମନର ଶୋକକୁ।
ଲୋପାମୁଦ୍ରା ନାୟକ
ଆଇଆଇସି, ଖଇରା ଥାନା


Best wishes from :-
A Well Wisher

ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ୮ ସେପ୍ଟେମ୍ବର, ୨୦୧୮



## ଆଜି କ'ଣ କେଉଁଠି

ଭଦ୍ରକ

- ଆଇନ ସହାୟତା କ୍ଲିନିକ ଉଦ୍‌ଘାଟନ, ସ୍ଥାନ: ଭଦ୍ରକ କୋର୍ଟ ପରିସର, ସମୟ: ମଧାହ୍ନ ୧୨ଟା।
- ଜାତୀୟ ଲୋକଅଦାଲତ, ସ୍ଥାନ: କୋର୍ଟ ପରିସର, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।

## ସଂକ୍ଷେପରେ

### ଅଗ୍ନିକାଣ୍ଡ: ଗୋଟିଏ ଗାଈ ସମେତ ୩ ଛେଳି ଜୀବନ୍ତ ଦଗ୍ଧ

**ବାସୁଦେବପୁର,୭।୯(ଡି.ଏନ.ଏ.)-** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବ୍ରାହ୍ମଣଗାଁ ପଞ୍ଚାୟତ ୭ ନମ୍ବର ୱାର୍ଡର ବାସନ୍ତୀ ସେଠୀଙ୍କ ଗୁହାଳ ଘରେ ଗୁରୁବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗୋଟିଏ ଗର୍ଭଣୀ ଗାଈ ସମେତ ୩ ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିକାଣ୍ଡର ଠିକ୍ କାରଣ ଜଣାପଡ଼ି ନାହିଁ। ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ଦାବି ହୋଇଛି।

### ସାପ କାମୁଡ଼ାରେ ସରପଞ୍ଚ ଆହତ

**ଭଦ୍ରକ ଅଫିସ, ୭।୯-** ଶୁକ୍ରବାର ଭଦ୍ରକ ବ୍ଲକ ଅଧୀନ ବିଷ୍ଣୁପୁର ସରପଞ୍ଚ ପଞ୍ଚାନନ ଲେଙ୍କା ନିଜ ଅଞ୍ଚଳର ବନ୍ୟା ସ୍ଥିତି ଅନୁଧ୍ୟାନ କରୁଥିବା ବେଳେ ସାପ କାମୁଡ଼ାରେ ଆହତ ହୋଇଛନ୍ତି। ତାଙ୍କୁ ଭଦ୍ରକ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ୧୦ରୁ ସ୍ୱାସ୍ଥ୍ୟମିଶନ ପରିଚାଳନା କର୍ମଚାରୀଙ୍କ କାର୍ଯ୍ୟ ବନ୍ଦ

**ବନ୍ତ, ୭।୯(ସ୍ୱ.ପ୍ର.)-** ଆସନ୍ତା ୧୦ ତାରିଖରୁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ ପରିଚାଳନା ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜି ଛକରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବ। ବନ୍ତ ବ୍ଲକ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୭ଜଣ କର୍ମଚାରୀ ଆନ୍ଦୋଳନରେ ସାମିଲ ହେବା ପାଇଁ ଜନସ୍ୱାସ୍ଥ୍ୟ ଅଧିକାରୀ କିରଣ ରଥଙ୍କୁ ଶୁକ୍ରବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଂଘର ଭଦ୍ରକ ଜିଲା ସଭାପତି ତଥା ଆଗରପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ବିପିୟୁଏମ୍ ଜିତେନ୍ଦ୍ର ନାରାୟଣ ବିଶ୍ୱାଳଙ୍କ ନେତୃତ୍ୱରେ ବିଏମ୍, ବିଡିଏମ୍, ଏସ୍‌ଟିଏସ୍, ଏମ୍‌ଟିଏସ୍ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ୯ ମାସ ଧରି ଦରମା ପାଇନାହାନ୍ତି ଶିକ୍ଷକ

**ବନ୍ତ,୭।୯(ଡି.ଏନ.ଏ.)-** ଭଦ୍ରକ ଜିଲା ବନ୍ତ ବ୍ଲକ ଚାଇଁପୁର-ଶ୍ରୀବନ୍ତପୁର ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ରମାକାନ୍ତ ଜେନାଙ୍କର ଦୀର୍ଘ ୯ ମାସ ଧରି ଦରମା ବନ୍ଦ କରାଯାଇଛି। ଶିକ୍ଷକ ଜେନାଙ୍କ କହିବା ଅନୁଯାୟୀ, ସେ ସମ୍ପୃକ୍ତ ବିଦ୍ୟାଳୟରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟ କରିଆସୁଥଲେ। ୨୦୧୭ରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। ଏହି ବେଆଇନ ବଦଳି ଆଦେଶ ବିରୋଧରେ ସେ ଟ୍ରିବ୍ୟୁନାଲରେ ଆଶ୍ରୟ ନେଇଥିଲେ। ଫଳରେ ସେହି ଦିନଠାରୁ ଶିକ୍ଷା ବିଭାଗ ପକ୍ଷରୁ ତାଙ୍କର ଦରମା ବନ୍ଦ କରାଯାଇଛି। ଏବେ ସେ ଚାଇଁପୁର-ଶ୍ରୀବନ୍ତପୁର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟ କରୁଥିବା ବେଳେ ୯ ମାସ ହେଲା ଦରମା ବନ୍ଦ ରହିଥିବାରୁ ପରିବାର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

### ଭାରତ ବନ୍ଦ ସଫଳ ପାଇଁ ସିପିଆଇର ପ୍ରସ୍ତୁତି

**ବନ୍ତ, ୭।୯(ଡି.ଏନ.ଏ.)-** ଆସନ୍ତା ୧୦ ତାରିଖରେ ଭାରତ ବନ୍ଦ ଡାକରାକୁ ସଫଳ କରିବା ନେଇ ବନ୍ତ ସିପିଆଇ ପକ୍ଷରୁ ସ୍ଥାନୀୟ ଥାନା ଛକସ୍ଥିତ କାର୍ଯ୍ୟାଳୟଠାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାଥୀ ଗୋପବନ୍ଧୁ ସେଠୀ ଏଥିରେ ସଭାପତିତ୍ୱ କରିଥିଲେ। କେନ୍ଦ୍ର ସରକାରଙ୍କ ପକ୍ଷରୁ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି ଓ ରାଫେଲ ଯୁଦ୍ଧ ବିମାନ କିଣା ମହାଦୁର୍ନୀତି ପ୍ରତିବାଦରେ ହେବାକୁ ଥିବା ଏହି ଆନ୍ଦୋଳନକୁ ସଫଳ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ଜିଲା ସିପିଆଇ ସମ୍ପାଦକ ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ଜୋନ୍ ସମ୍ପାଦକ ରମେଶ ଜେନା, ସହସମ୍ପାଦକ ପରମେଶ୍ୱର ବାରିକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଫକୀର ବିଶ୍ୱାଳ, ସୁବାସ ବେହେରା, କିଶୋର ବେହେରା, ରବି ତରାଇ, ଅଭିମନ୍ୟୁ ଜେନା, ରବୀନ୍ଦ୍ର ବେହେରା, ସ୍ୱର୍ଣ୍ଣଲତା ଖିଲାର, ମାଳତୀ ଜେନା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ବନ୍ୟାରେ ଭଦ୍ରକ ସ୍ଥିତି ବେହାଲ

- ତିହିଡ଼ିର ୮ ପଞ୍ଚାୟତ ପାଣିଘେରରେ
- ବୁଡ଼ି ରହିଛି ନଳକୂପ, ରାସ୍ତା, ଚାଷଜମି
- ଷାଠିବାଙ୍କୁଡ଼ାଠାରେ କୂଳ ଲଙ୍ଘିଲା ବୈତରଣୀ

**ଭଦ୍ରକ ଅଫିସ/ ତିହିଡ଼ି/ ଆରଡ଼ି/ ଭଣ୍ଡାରିପୋଖରୀ, ୭।୯ (ଡି.ଏନ.ଏ./ସ୍ୱ.ପ୍ର.)**


ତିହିଡ଼ି ବଳିଆରପୁର ପ୍ରାଥମିକ ସ୍କୁଲ ବନ୍ୟାଜଳ ଘେରରେ ରହିଛି।

ଦୁଇଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ସାଙ୍ଗକୁ ବୈତରଣୀ ବନ୍ୟାରେ ଭଦ୍ରକର ବିଭିନ୍ନ ଅଞ୍ଚଳ ସ୍ଥିତି ବେହାଲ ହୋଇପଡ଼ିଛି। ଚାରିଆଡ଼େ ଜଳମୟ ହୋଇଛି। ଶୁକ୍ରବାର ସକାଳୁ ବୈତରଣୀରେ ପୁଣି ଜଳସ୍ତର ବୃଦ୍ଧି ପାଇବାରୁ ନଦୀକୂଳିଆ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସେହିପରି ଭଦ୍ରକ ପୌରାଞ୍ଚଳର ୬ଟି ୱାର୍ଡରେ ସାଳନ୍ଦୀ ବନ୍ୟାଜଳ ୨ ଦିନ ଧରି ଲହଡ଼ି ଭାଙ୍ଗୁଛି। ତଳିଆ ଅଞ୍ଚଳ ବନ୍ୟା ଜଳରେ ଉବୁଟୁବୁ ହେଉଛି। ପୌରପାଳିକାର ୬, ୧୦, ୧୨, ୨୬, ୨୯ ଓ ୩୦ ନମ୍ବର ୱାର୍ଡର ୨୫ରୁ ଊର୍ଦ୍ଧ୍ୱ ଗାଁରେ ବନ୍ୟାଜଳ ପ୍ରବାହିତ ହେଉଛି। ସହରରେ ଡ୍ରେନେଜ ବ୍ୟବସ୍ଥା ଫେଲ୍ ମାରିଥିବାରୁ ତଳିଆ ଅଞ୍ଚଳରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଭଦ୍ରକ ବ୍ଲକର ଅନ୍ନପାଳ, ହରିପୁର, ବିଷ୍ଣୁପୁରବିନ୍ଧା, ଗୁଜିଦରଡା, ଖଣ୍ଡତଡା, ବେନ୍ତାଳ, ଜଗନ୍ନାଥପୁର ଅଞ୍ଚଳରେ ଏବେ ବି ବନ୍ୟାପାଣି ପ୍ରବାହିତ ହେଉଛି। ଜିଲା ପ୍ରଶାସନ ପକ୍ଷରୁ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ଜିଲାପାଳ ଜ୍ଞାନରଞ୍ଜନ ଦାସ ସୂଚନା ଦେଇଛନ୍ତି।

ତିହିଡ଼ି ବ୍ଲକର ୮ ପଞ୍ଚାୟତ ବନ୍ୟା ଘେରରେ ରହିଛି। ବ୍ଲକ ଅଧୀନ ବାରୋ, ବିଲଣା, ବୋଡ଼କ, ତଳଗୋପବିନ୍ଧା, ଶ୍ୟାମସୁନ୍ଦରପୁର, ବାରସର, ଗୋବିନ୍ଦପୁର ଓ କାଁପଡ଼ା ପଞ୍ଚାୟତ ଅଞ୍ଚଳ ଜଳମଗ୍ନ ହୋଇଛି। ପଞ୍ଚାୟତର ମୁଖ୍ୟରାସ୍ତା ଓ ଗ୍ରାମ୍ୟରାସ୍ତା ସବୁ ଜଳରେ ବୁଡ଼ି ରହିଛି। ଫଳରେ ଉକ୍ତ ପଞ୍ଚାୟତଗୁଡ଼ିକ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ବାରୋ ପଞ୍ଚାୟତ ବଳିଆରପୁର ଗ୍ରାମରେ ୮ ଦିନ ହେଲା ନଳକୂପ ସବୁ ଜଳମଗ୍ନ ହୋଇ ରହିଥିବାରୁ ପାନୀୟଜଳ ସଙ୍କଟ ଦେଖାଦେଇଛି। ଗ୍ରାମବାସୀଙ୍କ ପାଇଁ ତୁରନ୍ତ ପାନୀୟ ଜଳ ବ୍ୟବସ୍ଥା କରାଯିବାକୁ ପୂର୍ବତନ ସରପଞ୍ଚ ଉଦ୍ଧବ ଚରଣ ନାୟକ ଦାବି ଜଣାଇଛନ୍ତି। ସେହିପରି ବଳିଆରପୁର ପ୍ରାଥମିକ ସ୍କୁଲ ସମେତ ଅନ୍ୟ କେତେକ ସ୍କୁଲ ବନ୍ୟାପାଣି ଘେରରେ ରହିଛି। ହଦଗଡ଼ରୁ ପାଣି ଆସି ଏସବୁ ପଞ୍ଚାୟତର ଚାଷଜମିରେ ପଶିଥିଲା। ଜମିରୁ ପାଣି ନିଷ୍କାସିତ ହୋଇ ନ ଥିବାବେଳେ ପୁଣି ବନ୍ୟାପାଣି ପଶିବାରୁ ପ୍ରାୟ ୬ ହଜାର ହେକ୍ଟର ଜମିରେ ଧାନଫସଲ ଉଜୁଡ଼ି ଯିବାର ଆଶଙ୍କା ଦେଖାଦେଇଛି। ଏହାକୁ ନେଇ ଚାଷୀମାନେ ଚିନ୍ତାରେ ରହିଛନ୍ତି। ଗୁରୁବାର ଭାରପ୍ରାପ୍ତ ତହସିଲଦାର କୈଳାସ ଚନ୍ଦ୍ର ମହାଳିକ, ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ, ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ ବନ୍ୟାଞ୍ଚଳକୁ ଯାଇ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

ଲଗାଣ ବର୍ଷାରେ ଆରଡ଼ି ଅଞ୍ଚଳର ବିଭିନ୍ନ ଗାଁ ପ୍ରଭାବିତ ହୋଇଥିଲା। ବୈତରଣୀରେ ବନ୍ୟା ଆସିବାରୁ ଏହି ଅଞ୍ଚଳର ଚାଷୀଙ୍କ ମନରେ ଛନକା ପଶିଛି। ଶୁକ୍ରବାର ଚାନ୍ଦବାଲି ବ୍ଲକର ଷାଠିବାଙ୍କୁଡା ନିକଟରେ ଏହି ନଦୀବନ୍ଧ ବୁଡ଼ି ପାଣି ଚାଲୁଥିଲା। ସେହିପରି ବୋଡ଼କ-ଷାଠିବାଙ୍କୁଡା ମଧ୍ୟସ୍ଥଳରେ ଥିବା କ୍ରିକ୍ ପାଖରେ ପ୍ରାୟ ୨୦୦ ମିଟର ଲମ୍ବରେ ନଦୀବନ୍ଧ ବୁଡ଼ିବା ଭଳି ପରିସ୍ଥିତି ଉପୁଜିଛି। ଅନ୍ୟପକ୍ଷେ ଗୁରୁବାରଠାରୁ ସୁନ୍ଦରପୁର ପଣ୍ଡାସାହି ନିକଟରେ ନଦୀବନ୍ଧରେ ଘଳିଆ ପିଡ଼ିଛି ଓ ଗାଁ ଦାଣ୍ଡରେ ପାଣିସୁଅ ଚାଲିଛି। ଦୋହରା ପାଟଣା ନିକଟସ୍ଥ ଢଳେଇଡିଠାରେ ଦଦୀବନ୍ଧ ବୁଡ଼ିଯିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏସବୁ ସ୍ଥାନରେ ବନ୍ଧ ଭାଙ୍ଗିବାର ସମ୍ଭାବନା ନାହିଁ, ବନ୍ଧ ବୁଡ଼ିଯାଇଥିବା ଓ ବୁଡ଼ିବା ଆଶଙ୍କା ଥିବା ସ୍ଥାନରେ ବାଲିବସ୍ତା ପକାଇବାର ବନ୍ଦୋବସ୍ତ କରାଯାଇଛି ବୋଲି ଧାମନଗର ଜଳସେଚନ ବିଭାଗ ଉପଖଣ୍ଡ ଅଧିକାରୀ ଭୁବନାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ନଦୀବନ୍ଧ ସୁଦୃଢ଼ୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଠିକ୍‌ଭାବେ କାମ ହେଉ ନ ଥିବାରୁ ପ୍ରତିବର୍ଷ ଘାଇ ସୃଷ୍ଟି ହେବା ଭଳି ପରିସ୍ଥିତି ଉପୁଜୁଛି ବୋଲି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ସତ୍ୟାନନ୍ଦ ରାଉତ ନଦୀବନ୍ଧ ବୁଲି ଦେଖିବା ଅବସରରେ ଅଭିଯୋଗ କରିଛନ୍ତି। ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ, ପିଇଓ ମନୋରଞ୍ଜନ ଦଳାଇ ଦିନସାରା ନଦୀବନ୍ଧରେ ବିପଦ ଉପୁଜିଥିବା ସ୍ଥାନରେ ଉପସ୍ଥିତ ରହି ଜିଲା ପ୍ରଶାସନ ସହ ଯୋଗାଯୋଗ କରିଥିଲେ।

ବୈତରଣୀ ନଦୀର ବନ୍ୟାଜଳ ଗୁରୁବାର ବୃଦ୍ଧି ପାଇ ସନ୍ଧ୍ୟା ସୁଦ୍ଧା ୧୭.୯୪ ମିଟର ପ୍ରବାହିତ ହୋଇ କିଛି ସମୟ ପାଇଁ ଏହା କମିଯାଇଥିଲା। ଶୁକ୍ରବାର ସକାଳ ୫ଟାରୁ ପୁଣି ବୃଦ୍ଧି ପାଇବା ଆରମ୍ଭ କରିଥିଲା। ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦାଠାରେ ସକାଳ ୬ଟାରେ ବନ୍ୟାଜଳ ବିପଦସଙ୍କେତ ଟପି ରାତି ୯ଟା ସୁଦ୍ଧା ୧୮.୨୯ ମିଟରରେ ପ୍ରବାହିତ ହୋଇଥିଲା। ଉପରମୁଣ୍ଡରେ ହୋଇଥିବା ବର୍ଷା ରେକର୍ଡ ଅନୁଯାୟୀ ବନ୍ୟାଜଳ ବୃଦ୍ଧି ପାଇ ୧୮.୫୦ ମିଟର ମଧ୍ୟରେ ରହିବ ବୋଲି ଆଖୁଆପଦା ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ଶଙ୍କର୍ଷଣ ବେହେରା ସୂଚନା ଦେଇଛନ୍ତି। ନଦୀରେ ବନ୍ୟାଜଳ ଭରପୁର ଥିବାବେଳେ ପୁଣି ବୈତରଣୀ ବଢ଼ିବା ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ନଦୀର କଣ୍ଟିଘାଇ ଏସ୍କେପରୁ ବନ୍ୟାଜଳ ପ୍ରବାହିତ ହୋଇ ବହୁ ଚାଷଜମି ଜଳମଗ୍ନ ହୋଇଛି। ମାଳଦାସ୍ଥିତ ସର୍ତ୍ତାନାଳ ପୋଲ ବୁଡ଼ି ଯାତାୟାତ ବନ୍ଦ ରହିଛି।

## ଆସୁଛନ୍ତି ଓଡ୍ରାଫ ଟିମ୍

**ଭଦ୍ରକ ଅଫିସ, ୭।୯(ଡି.ଏନ.ଏ.)**

ବୈତରଣୀରେ ବଢୁଥିବା ବନ୍ୟାଜଳ ପାଇଁ ଭଦ୍ରକ ଜିଲାର ଧାମନଗର, ଭଣ୍ଡାରିପୋଖରୀ ଅଞ୍ଚଳରେ ବଡ଼ ବନ୍ୟା ଆଶଙ୍କା ଦୃଢ଼ୀଭୂତ ହୋଇଛି। ଏଣୁ ଓଡ୍ରାଫ ଟିମ୍ ପଠାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ଶନିବାର ସକାଳ ସୁଦ୍ଧା ଓଡ୍ରାଫ ଟିମ୍ ଭଦ୍ରକରେ ପହଞ୍ଚିବ ବୋଲି ଜିଲାପାଳ ଜ୍ଞାନରଞ୍ଜନ ଦାସ ସୂଚନା ଦେଇଛନ୍ତି।

## ଶହୀଦ ପୀଠରେ ପାଚେରି ନିର୍ମାଣକୁ ବିରୋଧ

**ବାସୁଦେବପୁର, ୭।୯(ଡି.ଏନ.ଏ.)**


ଇରମ ଶହୀଦ ପୀଠରେ ଏକ ଗଛ ଭାଙ୍ଗି ପଡ଼ିଛି।

ଭାରତର ଦ୍ୱିତୀୟ ଜାଲିଆନାୱାଲାବାଗ କୁହାଯାଉଥିବା ବାସୁଦେବପୁରର ରକ୍ତତୀର୍ଥ ଇରମକୁ ରାଜ୍ୟ ସରକାର ୩ ବର୍ଷ ପୂର୍ବେ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଦେଇଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଗତ ୧ ମାସ ତଳେ ଇରମ ଶହୀଦ ସମାଧି ପୀଠର ଚାରିପାର୍ଶ୍ୱରେ ଥିବା ଅର୍ଦ୍ଧ ଭଗ୍ନ ପାଚେରିକୁ ଭାଙ୍ଗି ନୂତନ ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିବା ବେଳେ କେତେକ ବ୍ୟକ୍ତି ଜମି ବିବାଦ ଥିବା ଦର୍ଶାଇ ଏହାକୁ ବିରୋଧ କରିଛନ୍ତି। ଫଳରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ପାଚେରି କାର୍ଯ୍ୟ ବନ୍ଦ ରହିଥିବାବେଳେ ଅସ୍ଥାୟୀ ଭାବେ ସମାଧି ପୀଠ ଚାରିପାଖରେ ଜାଲ ଘେରାଇ ରଖାଯାଇଛି। ଏହି ସମାଧି ପୀଠର ମାଲିକାନାକୁ ନେଇ ପୂର୍ବରୁ ବିବାଦ ଲାଗି ରହିଛି। ବିବାଦ ନ ତୁଟାଇ ଏଠାରେ ପୂର୍ବ ପାଚେରି ଭଙ୍ଗାଯିବା ଏବଂ ନୂତନ ପାଚେରି ନିର୍ମାଣ କାର୍ଯ୍ୟ ବନ୍ଦ କରାଯିବା ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି। ଅନ୍ୟପକ୍ଷେ ଗତ ୨ରୁ ୩ ଦିନ ଧରି ଝଡ଼ ବର୍ଷାରେ ଶହୀଦ ସମାଧି ପୀଠରେ ପାଚେରି କଡ଼ରେ ଥିବା ଏକ କୃଷ୍ଣଚୂଡ଼ା ଗଛ ଭାଙ୍ଗି ପଡ଼ି ରହିଥିବାରୁ ସମାଧିସ୍ଥଳ ସାମ୍ନାରୁ ଦୃଶ୍ୟମାନ ହେଉ ନାହିଁ। ମାତ୍ର ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ଏପରି ଏକ ପବିତ୍ର ଓ ଐତିହାସିକ ପୀଠରେ ଶହୀଦଙ୍କ ସମାଧି ଉପରୁ ଭାଙ୍ଗିପଡ଼ିଥିବା ଗଛକୁ କାଟି ବାହାର କରାଯାଉ ନ ଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହା ଶହୀଦଙ୍କ ପ୍ରତି ଅପମାନ ଓ ଅସମ୍ମାନ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଶହୀଦ ଦିବସ ଆଉ ୨୧ ଦିନ ବାକିଥିବା ବେଳେ ଏଭଳି ଘଟଣା ନୂଆ ବିବାଦ ସୃଷ୍ଟି କରିଛି।

## ଅଧ୍ୟାପକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଧାମନଗର, ୭।୯ (ଡି.ଏନ.ଏ.)**

ଧାମନଗର ବ୍ଲକରେ ବିଭିନ୍ନ ୪।୮ ବର୍ଗ କଲେଜରେ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ସହିତ ପୂର୍ଣ୍ଣ ଅନୁଦାନ ଦାବିରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଧାମନଗର କଲେଜ, କୋଠାର ମା' ଶାରଦା ଦେବୀ ମହାବିଦ୍ୟାଳୟ, ଧୂଷୁରୀ ଆଇଜିଏମ୍, ଅସୁରାଳି ମହିଳା ମହାବିଦ୍ୟାଳୟ ଓ ଶହୀଦନଗର କଲେଜରେ ଆନ୍ଦୋଳନ ଜାରି ରହିଛି। କୋଠାର କଲେଜରେ ରବୀନ୍ଦ୍ର ପାଣିଗ୍ରାହୀ, ସ୍ନେହାଂଶୁ ଶେଖର ମହାନ୍ତି ଓ ଗୌରାଙ୍ଗ ଚରଣ ଭୂୟାଁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଛନ୍ତି। ପାଠପଢ଼ା ବନ୍ଦ ନେଇ ଛାତ୍ରୀଛାତ୍ର ଆଶଙ୍କା ମଧ୍ୟରେ ରହିଥିବା ବେଳେ ସରକାର ତୁରନ୍ତ ସମସ୍ୟା ସମାଧାନର ରାସ୍ତା ବାହାର କରିବାକୁ ଦାବି ହୋଇଛି।

## 'ଯୁବପିଢ଼ି ସମାଜସେବା ପ୍ରତି ଗୁରୁତ୍ୱ ଦେବା ଆବଶ୍ୟକ'



ଉତ୍ସବରେ ଉପସ୍ଥିତ ଅତିଥିମାନେ ଓ ବିଏସ୍‌ଏସ୍‌ର କର୍ମକର୍ତ୍ତା।

**ଭଦ୍ରକ ଅଫିସ, ୭।୯**

ସମାଜସେବା ପ୍ରତି ଯୁବପିଢି ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସ୍ୱେଚ୍ଛାସେବୀ ସଙ୍ଗଠନ ଭଦ୍ରକ ସୋସିଆଲ ସର୍ଭିସ(ବିଏସ୍‌ଏସ୍)ର ପ୍ରଥମ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଭଦ୍ରକ ଟାଉନ ହଲ୍‌ରେ ଅନୁଷ୍ଠିତ ଉତ୍ସବରେ ବିଏସ୍‌ଏସ୍‌ର ୫୨ ସପ୍ତାହର ସମସ୍ତ କାର୍ଯ୍ୟାବଳୀର ଉପସ୍ଥାପନା କରାଯାଇଥିଲା। ସଙ୍ଗଠନର ଦିଗ୍‌ଦର୍ଶକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଏଥିରେ ପୌରୋହିତ୍ୟ କରିଥିଲେ। ଉଦ୍‌ଘାଟକ ଭାବେ ରାଜ୍ୟ ମହିଳା କମିଶନଙ୍କ ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ଯୋଗଦେଇ ଅନ୍ୟ ଅତିଥିଙ୍କ ସହ ପ୍ରଦୀପ ଜାଳି ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ମହିଳା କମିଶନଙ୍କ ପୂର୍ବତନ ସଦସ୍ୟା ନମ୍ରତା ଚଢା, ମୁଖ୍ୟବକ୍ତା ସାମାଜିକ କର୍ମୀ ସଞ୍ଜୀବ ମଲ୍ଲିକ୍, ଅନ୍ୟତମ ବକ୍ତା ଭାବେ ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିକାଶ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ବିଏସ୍‌ଏସ୍‌ର ଅଧ୍ୟକ୍ଷ ସଞ୍ଜିତ କୁମାର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଗତବର୍ଷ ସେପ୍ଟେମ୍ବର ମାସରୁ ଏପର୍ଯ୍ୟନ୍ତ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ନିର୍ମଳ କୁମାର ବେହୁରିଆ ଅତିଥି ପରିଚୟ ପ୍ରଦାନ, ନିର୍ଦ୍ଦେଶକ ପ୍ରକାଶ ସ୍ୱାଇଁ ବିବରଣୀ ଉପସ୍ଥାପନ କରିଥିଲେ। ବର୍ଷକର ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିର ଚିତ୍ର ଓ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ବାଲେଶ୍ୱର, ଭୁବନେଶ୍ୱର ଓ ଭଦ୍ରକ ଜିଲାର ୯ ସାମାଜିକ ସଙ୍ଗଠନକୁ ଉଲ୍ଲେଖନୀୟ ସମାଜସେବା ପାଇଁ ସମ୍ମାନିତ କରାଯାଇଥିଲା। ଶେଷରେ ଶୁଭେନ୍ଦୁ ଲେଙ୍କାଙ୍କ ସଞ୍ଚାର ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ସିଆର୍‌ସିସି ଅଭୟଙ୍କୁ 'ଆଦର୍ଶ ଗୁରୁ' ସମ୍ମାନ

**ବନ୍ତ, ୭।୯(ସ୍ୱ.ପ୍ର.)**

ବନ୍ତ ବ୍ଲକ ଆଗରପଡ଼ା ଶିକ୍ଷା ସର୍କଲର ତୋଫାବିବି ଆଞ୍ଚଳିକ ସାଧନ କେନ୍ଦ୍ରର ସିଆର୍‌ସିସି ଅଭୟ କୁମାର ପ୍ରଧାନଙ୍କୁ ରାଜ୍ୟସ୍ତରୀୟ 'ଆଦର୍ଶ ଗୁରୁ' ସମ୍ମାନରେ ସମ୍ମାନିତ କରାଯାଇଛି। ଗୁରୁଦିବସ ଅବସରରେ କଟକ ସାରଳା ଭବନରେ ଓଡ଼ିଶା ବିଦ୍ୟା ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସିଆର୍‌ସିସି ପ୍ରଧାନଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଳାକାନ୍ତ ମିଶ୍ର କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପରେ ବିଦ୍ୟା ବିକାଶ ପରିଷଦର ରାଜ୍ୟ ସଭାପତି ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳଙ୍କ ପୌରୋହିତ୍ୟରେ ସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରଫେସର ସଙ୍ଗୀତା ରଥ, ସମ୍ମାନନୀୟ ଅତିଥି ଭାବେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଭାକର ସ୍ୱାଇଁ, ବିଦ୍ୟା ବିକାଶ ପରିଷଦର ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟର ସମସ୍ତ ଜିଲାରୁ ମନୋନୀତ ହୋଇଥିବା କୃତୀ ଶିକ୍ଷକଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ କାର୍ତ୍ତିକ


@ ଅବିନାଶ


@ ସୁକୁଲାଲ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ମାହାରା ବୁଲି ଦେଖିଲେ ବିଧାୟକ

**ଧାମନଗର, ୭।୯(ଡି.ଏନ.ଏ.)**

ବୈତରଣୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ସହିତ ବୃଦ୍ଧି ପାଉଥିବାରୁ ଚଳିତବର୍ଷ ବଡ଼ ବନ୍ୟାର ଆଶଙ୍କା ପ୍ରକାଶ ପାଇଛି। ବୈତରଣୀ ଏବଂ କୋଚିଲା ନଦୀ ବନ୍ୟାଜଳରେ ପୁରିଥିବା ବେଳେ ନଦୀବନ୍ଧର ଦୁର୍ବଳ ସ୍ଥାନଗୁଡ଼ିକରେ ଘାଇ ସୃଷ୍ଟି ହେବାର ଆଶଙ୍କା ମଧ୍ୟ ରହିଛି। ପ୍ରଶାସନ ତରଫରୁ ବନ୍ୟାର ମୁକାବିଲା ପାଇଁ ସମସ୍ତ ପ୍ରସ୍ତୁତି ହୋଇଥିବା ବେଳେ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଶୁକ୍ରବାର ଗୌରାଙ୍ଗପୁର ଏସ୍କେପ ଏବଂ ମଲ୍ଲିମାହାରା ସହିତ ବୈତରଣୀ ନଦୀବନ୍ଧର ବିଭିନ୍ନ ଦୁର୍ବଳ ସ୍ଥାନ ବୁଲି ଦେଖିଛନ୍ତି। ଏଥିସହିତ ବିଭାଗକୁ ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି। କୋଚିଲା ନଦୀବନ୍ଧର ବିଭିନ୍ନ ସ୍ଥାନ ଦୁର୍ବଳ ହୋଇପଡ଼ିଥିବା ବେଳେ ରେବ ନଦୀରେ ସାଳନ୍ଦୀ ବନ୍ୟାଜଳ ଛାଡ଼ିବା ନେଇ ଧାମନଗର ବ୍ଲକର ସମ୍ପୂର୍ଣ୍ଣ ଅଞ୍ଚଳ ବନ୍ୟାରେ ପ୍ରଭାବିତ ହେବ ବୋଲି ସୂଚନା ମିଳିଛି। ଧାମନଗର-ଫଳପୁର, ବୟାଳଡିହି-ଛନ୍ଦା ସାହି, ଭଟସାହି-ମିର୍ଘାହାଟକୁଳ, ଗୋବିନ୍ଦପୁର, ହରିହଂସ-ପଙ୍ଗଟା, ଭଦ୍ରକ-ଅଖଣ୍ଡଳମଣି ମୁଖ୍ୟରାସ୍ତାରେ ଅସୁରାଳି ଏବଂ କୋଠାର ନିକଟରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।

## ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ଲାଗି ଉଦ୍ୟମ କରିବ ଯୁବ ବାହିନୀ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଭଦ୍ରକ ଅଫିସ, ୭।୯**

ଭଦ୍ରକ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଜୁ ଯୁବ ବାହିନୀର ଭବିଷ୍ୟତ କାର୍ଯ୍ୟପନ୍ଥାକୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଯୁବ ମଙ୍ଗଳ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ମୁମ୍ବାଇର ପୂର୍ବତନ ପୋଲିସ କମିଶନର ଅରୁପ ମୋହନ ପଟ୍ଟନାୟକ ଯୋଗଦେଇ ଜିଲାରେ ଗଠନ ହୋଇଥିବା ବିଜୁ ଯୁବ ବାହିନୀ ସମ୍ପର୍କିତ ବିଭିନ୍ନ ସମୀକ୍ଷା କରିଥିଲେ। ଭବିଷ୍ୟତରେ ଯୁବ ବାହିନୀର କାର୍ଯ୍ୟପନ୍ଥା କ'ଣ ରହିବ, ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ଲାଷ୍ଟିକମୁକ୍ତ ସମାଜ ଗଠନ ଲାଗି ବିଜୁ ଯୁବ ବାହିନୀ ଉଦ୍ୟମ କରିବ ବୋଲି କୁହାଯାଇଥିଲା। ଏଥିସହ ବିଭିନ୍ନ ସାମାଜିକ ସଚେତନତା କାର୍ଯ୍ୟକ୍ରମ ସମ୍ପର୍କରେ ସେ ସୂଚନା ଦେଇଥିଲେ। ଜିଲାପାଳ ଜ୍ଞାନରଞ୍ଜନ ଦାସ, ଏସ୍‌ପି ରାଜେଶ ପଣ୍ଡିତ, ପିଡି ମଧୁସୂଦନ ମିଶ୍ର, ଯୁବ ବାହିନୀର ଜିଲା ପ୍ରମୁଖ ସଂଯୋଜକ ସ୍ୱରୂପ ପଟ୍ଟନାୟକଙ୍କ ସମେତ ସମସ୍ତ ବ୍ଲକର ବିଡିଓ ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟ କାର୍ଯ୍ୟନିର୍ବାହୀ ପଟ୍ଟନାୟକ ବାସୁଦେବପୁର ଗସ୍ତ କରି ମନ୍ତ୍ରୀ ବିଜୟଶ୍ରୀ ରାଉତରାୟଙ୍କ ସହ ଆଲୋଚନା କରି ଫେରି ଯାଇଥିଲେ।

## ସଂକ୍ଷେପରେ

### ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ସ୍ୱାଗତ ଉତ୍ସବ

**ବାଙ୍ଗିରିପୋଷୀ, ୭।୯(ଡି.ଏନ.ଏ.):** ବାଙ୍ଗିରିପୋଷୀ ବ୍ଲକ ଅଧୀନ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟରେ ଇତିହାସ ବିଭାଗ ତରଫରୁ ନବାଗତ +୩ ପ୍ରଥମବର୍ଷର ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି । ଏହି ସଭାରେ ବିଭାଗୀୟ ମୁଖ୍ୟ ପବିତ୍ର ମୋହନ ଦାଶ ସଭାପତିତ୍ୱ କରିଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପାରାଣୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ବିଭାଗୀୟ ଅଧ୍ୟାପକ ଅଜୟ କୁମାର ଗୋସ୍ୱାମୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ସଭାରେ ସମ୍ମାନିତ ଅତିଥି ଭାବେ ଅର୍ଥନୀତି ବିଭାଗ ମୁଖ୍ୟ ଅଧ୍ୟାପକ ହରିହର ଶଙ୍ଖୁଆ, ଇଂଲିଶ ବିଭାଗର ମୁଖ୍ୟ ଅଧ୍ୟାପକ ସତ୍ୟନାରାୟଣ ସାମଲ, ଓଡିଆ ବିଭାଗର ମୁଖ୍ୟ ଅଧ୍ୟାପକ ନିର୍ମଳ ଚନ୍ଦ୍ର ସାହୁ ଓ ରାଜନୀତି ବିଭାଗର ମୁଖ୍ୟ ଅଧ୍ୟାପକ ରତିକାନ୍ତ ବେହେରା ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ । ଓଡିଆ ବିଭାଗର ଅଧ୍ୟାପକ ରୂପଶ୍ରୀ ଦାସ, ପ୍ରଯୁକ୍ତିବିଦ୍ୟା ଅଧ୍ୟାପିକା ଏକତା ବାରିକ, ଅର୍ଥନୀତି ବିଭାଗର ଅଧ୍ୟାପକ ପ୍ରଶାନ୍ତ କୁମାର ଦାସ ଓ କର୍ମଚାରୀ ଅନଙ୍ଗ ଦୁଲାଳ ଉପସ୍ଥିତ ଥିଲେ । ବିଭାଗର ଅନ୍ୟତମ ବରିଷ୍ଠ ଅଧ୍ୟାପକ ଅଶୋକ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

### ବ୍ଲକସ୍ତରୀୟ ବିଜ୍ଞାନ ସେମିନାର



**ଉଦଳା, ୭।୯ (ଡି.ଏନ.ଏ.) :** ଏସସିଆଇଟି ଭୁବନେଶ୍ୱର ଏବଂ ଜିଲା ଶିକ୍ଷାଧିକାରୀ ମୟୂରଭଞ୍ଜଙ୍କ ଦ୍ୱାରା ଉଦଳା ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଉଦଳା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଗୌତମ କୁମାର ପାତ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । "ଚତୁର୍ଥ ଶିଳ୍ପ ବିପ୍ଳବ, ଆମେ କେତେ ପ୍ରସ୍ତୁତ" ବିଷୟବସ୍ତୁ ଉପରେ ଛାତ୍ରୀଛାତ୍ରମାନେ ନିଜର ସେମିନାର ଉପସ୍ଥାପନ କରିଥିଲେ । ବିଚାରକ ଭାବେ ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନର ଅଧ୍ୟାପକ ଅଶ୍ୱିନୀ କୁମାର ବେହେରା ଏବଂ ପୂର୍ବତନ ବିଜ୍ଞାନ ପରିଦର୍ଶକ ନଳିନୀ କୁମାର ଚୌଧୁରୀ ଯୋଗ ଦେଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ । ଏହି ପ୍ରତିଯୋଗିତାରେ ଉଦଳା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସମରଜିତ୍ ମହାପାତ୍ରଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ ଦଶମ ଶ୍ରେଣୀ ଛାତ୍ର ଅପୂର୍ବ ରଞ୍ଜନ ଧଳଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରି ଜିଲାସ୍ତରୀୟ ସେମିନାର ପାଇଁ ଯୋଗ୍ୟ ବିବେଚିତ ହୋଇଛି । ପ୍ରତିଯୋଗିତା ପରିଚାଳନାରେ ବିଜ୍ଞାନ ଶିକ୍ଷକ ମୃତ୍ୟୁଞ୍ଜୟ ମହାନ୍ତି, ରୀତାରାଣୀ ସେନ, ପାର୍ଥସାରଥି ବେହେରା ତଥା କମ୍ପ୍ୟୁଟର ଶିକ୍ଷକ ମୋନାଲିସା ଦାସ, ଜ୍ଞାନରଞ୍ଜନ ମଲ୍ଲିକ ଏବଂ ପଦ୍ମଲୋଚନ ପାଣି ପ୍ରମୁଖ ସହଯୋଗ କରିଥିଲେ ।

# ରାଜରାସ୍ତାରେ ପରୀକ୍ଷା ଦେଲେ ଛାତ୍ରୀଛାତ୍ର

**ମୋରଡା,୭।୯**



ମୋରଡା ବନ୍ଦ ଯୋଗୁ ଏକ ଇଞ୍ଜିନିୟରିଂ କଲେଜ ଛାତ୍ରୀଛାତ୍ର ରାଜପଥ ଉପରେ ପରୀକ୍ଷା ଦେଉଛନ୍ତି ।

- ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପ୍ରତିବାଦରେ ମୋରଡା ବନ୍ଦ
- ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ ବନ୍ଦ
- ଯାନବାହନ ଚଳାଚଳ ଠପ

ମୋରଡା ବ୍ଲକରେ ଥିବା ସରକାରୀ ଡାକ୍ତରଖାନାଗୁଡିକରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବା ପ୍ରତିବାଦରେ ଭାଜପା ପକ୍ଷରୁ ଶୁକ୍ରବାର ୧୨ ଘଣ୍ଟିଆ ମୋରଡା ବନ୍ଦ ଡାକରା ଦିଆଯାଇଥିଲା । ବନ୍ଦ ପ୍ରଭାବରେ ବ୍ଲକର ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିବା ସହିତ ଗାଡି ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା । ମାତ୍ର ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପରୀକ୍ଷା ଚାଲୁଥିବା ବେଳେ ବନ୍ଦ ପ୍ରଭାବରେ ଛାତ୍ରୀଛାତ୍ରମାନେ ଖରାରେ ରାସ୍ତାରେ ବସି ପରୀକ୍ଷା ଦେଉଥିବା ଦେଖାଯାଇଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଛାତ୍ରୀଛାତ୍ରଙ୍କୁ ଏଥିନିମନ୍ତେ ଉତ୍ସୁକାଇଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସମ୍ବିତ ସଂଗ୍ରାମ ଜିତ ରାଉତ କହିଛନ୍ତି ।

ମୋରଡା ବ୍ଲକର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, କର୍ମଚାରୀ ଅଭାବ, କ୍ୱାର୍ଟର୍ସ ଅଭାବ, ଯନ୍ତ୍ରପାତି ଅଭାବ ଏବଂ ବିଭିନ୍ନ ସମସ୍ୟା ବାବଦରେ ଭାଜପା ରାଜ୍ୟ ଉପସଭାପତି ରାଜ କିଶୋର ଦାସଙ୍କ ନେତୃତ୍ୱରେ ଶୁକ୍ରବାର ୧୨ ଘଣ୍ଟିଆ ମୋରଡା ବନ୍ଦ କରାଯାଇଛି । ଏଥିଯୋଗୁ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ ବନ୍ଦ ସହ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା । ମାତ୍ର ବନ୍ଦ ପାଳନ ବେଳେ ମୋରଡାର ଏକ ଘରୋଇ ଇଞ୍ଜିନିୟରି କଲେଜରେ ପରୀକ୍ଷା ଚାଲୁଥିବା ଖବର ପାଇ କେତେକ ଦଳୀୟ କର୍ମୀ ସେଠାରେ ପହଞ୍ଚିଥିଲେ । ସେମାନେ ବନ୍ଦ ପାଳନକୁ ସମର୍ଥନ ଜଣାଇବାକୁ ଇନଷ୍ଟିଚ୍ୟୁଟ କର୍ତ୍ତୃପକ୍ଷଙ୍କୁ ନିବେଦନ କରି ଫେରି ଯାଇଥିଲେ । ଏହାପରେ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ର କଲେଜ ଫାଟକ ବାହାରକୁ ପଳାଇ ଆସିଥିଲେ । ଏହାପରେ ଶତାଧିକ ଛାତ୍ରୀଛାତ୍ର ୬୧ ନଂ ରାଜ୍ୟ ରାଜପଥ ଉପରେ ଖରାରେ ବସି ପରୀକ୍ଷା ଦେଇଥିଲେ । ଖବର ପାଇ ମୋରଡା ଥାନା ଆଇଆଇସି ଏବଂ ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଇନଷ୍ଟିଚ୍ୟୁଟ କର୍ତ୍ତୃପକ୍ଷ ଏବଂ ଛାତ୍ରୀଛାତ୍ରଙ୍କ ସହିତ ଆଲୋଚନା କରି ରାଜପଥରୁ ଉଠିଯିବାକୁ ପରାମର୍ଶ ଦେଇଥିଲେ ମଧ୍ୟ ଛାତ୍ରୀଛାତ୍ର ତାହାକୁ ଗ୍ରହଣ କରି ନ ଥିଲେ । ଏଥିଯୋଗୁ ବେଶ କିଛି ସମୟ ପାଇଁ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ନିରୀହ ଛାତ୍ରୀଛାତ୍ରଙ୍କୁ ରାଜରାସ୍ତାରେ ବସି ପରୀକ୍ଷା ଦେବାକୁ କର୍ତ୍ତୃପକ୍ଷ ଉତ୍ସାହିତ କରିଥିବା ପ୍ରମାଣିତ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ତହସିଲଦାର ସମ୍ବିତ ସଂଗ୍ରାମ ଜିତ ରାଉତ କହିଛନ୍ତି ।

### କାଗଜ କଳ ପ୍ରତିଷ୍ଠା ବିଳମ୍ବର ପ୍ରତିବାଦ

# ୨୫ରେ ଶୂଳିଆପଦା ବନ୍ଦ ଡାକରା

**ବାରିପଦା ଅଫିସ,୭।୯**

ମୟୂରଭଞ୍ଜ ଜିଲା ଶୂଳିଆପଦା ବ୍ଲକରେ ଏକ ସରକାରୀ କାଗଜ କାରଖାନା ପ୍ରତିଷ୍ଠା ପାଇଁ ଦୀର୍ଘଦିନ ହେବ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ଦାବି କରିଆସୁଛି । ଏନେଇ ଆନ୍ଦୋଳନ କରିଆସୁଥିଲେ ସୁଦ୍ଧା ସରକାର ଚୁପ ବସି ରହିଛନ୍ତି । କଞ୍ଚାମାଲ ଭରପୂର ଥିବା ଜିଲାର ଶୂଳିଆପଦା ବ୍ଲକରେ କାଗଜ କାରଖାନା ପ୍ରତିଷ୍ଠା ହେଲେ ଜିଲାର ଅର୍ଥନୈତିକ ବିକାଶ ଘଟିବା ସହିତ ଚାଷୀମାନେ ମଧ୍ୟ ଉପକୃତ ହୋଇପାରିବେ । ଯାହାଦ୍ୱାରା ଜିଲାର ବେକାରି ସମସ୍ୟା ବହୁମାତ୍ରାରେ ଦୂର ହୋଇ ପାରିବ । ଏହା ସହିତ ଶୂଳିଆପଦା ବ୍ଲକରେ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସ୍ୱାସ୍ଥ୍ୟ ସେବାକୁ ତୁରନ୍ତ ସମାଧାନ ନେଇ ବହୁବାର ଦାବି କରାଯାଇଥିଲେ ସୁଦ୍ଧା କୌଣସି ଫଳାଫଳ ମିଳି ପାରିନାହିଁ । ଏଣୁ ବାଧ୍ୟ ହୋଇ ଜେଏମଏମ ଶୂଳିଆପଦା ବ୍ଲକ କମିଟି ପକ୍ଷରୁ ତୁରନ୍ତ ସରକାରୀ କାଗଜ କାରଖାନା ପ୍ରତିଷ୍ଠା ଦାବି ଏବଂ ବ୍ଲକରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ସମାଧାନ ପାଇଁ ଆସନ୍ତା ୨୫ତାରିଖରେ ଶୂଳିଆପଦା ବନ୍ଦ ଡାକରା ଦିଆଯାଇଛି । ଏନେଇ ଶୂଳିଆପଦା ବ୍ଲକ ସଭାପତି ରାମେଶ୍ୱର କିସ୍କୁ ଓ ବ୍ଲକ କାର୍ଯ୍ୟକାରୀ ସଭାପତି ବବୁଲୁ ସୋରେନ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

# ଦିଲ୍ଲୀରେ କୁଡୁମୀ ସେନାର କଳାଦିବସ



କୁଡୁମୀ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

**ବାରିପଦା ଅଫିସ,୭।୯**

କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ତାଲିକାରୁ ବାଦ ଦିଆଯିବା ପ୍ରତିବାଦରେ କୁଡୁମୀ ସେନା ଓଡ଼ିଶା ପକ୍ଷରୁ ନୂଆଦିଲ୍ଲୀର ଜନ୍ତର ମନ୍ତରଠାରେ ଗୁରୁବାର କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଦିନକୁ କୁଡୁମୀ ସେନା ପକ୍ଷରୁ କଳାଦିବସ ଭାବେ ଅଭିହିତ କରାଯାଇଛି । ଏହି ଆନ୍ଦୋଳନରେ ସାମିଲ ହେବା ନିମନ୍ତେ କୁଡୁମୀ ସେନା ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ଜୈମୁନୀ ମହାନ୍ତଙ୍କ ନେତୃତ୍ୱରେ ବହୁ କୁଡୁମୀ ପୁରୁଷ ଓ ମହିଳା ଗତ ୩ତାରିଖରେ ବାରିପଦାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲେ । ଏହି ବିରୋଧ ପ୍ରଦର୍ଶନରେ କୁଡୁମୀ ସେନା ସହିତ ଝାଡଖଣ୍ଡ କୁଡୁମୀ ବିକାଶ ମୋର୍ଚ୍ଚା, ବେଙ୍ଗଲ ଆଦିବାସୀ କୁଡୁମୀ ସମାଜ, ଆସାମ କୁଡୁମୀ କର୍ମକର୍ତ୍ତା ମଧ୍ୟ ସାମିଲ ହୋଇଥିଲେ । ଏହି ଅବସରରେ ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦିବ୍ୟ ସିଂ ମହାନ୍ତ,ଫଟୁସ ମହାନ୍ତ,ଦୁର୍ଗାଚରଣ ମହାନ୍ତ,ଦିନେଶ ମହାନ୍ତ,ଲମ୍ବୋଦର ମହାନ୍ତ,ସବିତା ମହାନ୍ତ,ଝାଡଖଣ୍ଡର ଶୀତଳ ଆହେଦା ପ୍ରମୁଖ ଉଦବୋଧନ ଦେଇ କୁଡୁମୀ ଜାତି ପ୍ରତି ହୋଇଥିବା ଏହି ଅନ୍ୟାୟକୁ ବରଦାସ୍ତ କରା ନ ଯିବା ସହ ଏହି ଜାତି ନିଜର ହକ୍ ପାଇଁ ଆରମ୍ଭ କରିଥିବା ଲଢ଼େଇକୁ ଅଧିକ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଥିଲେ ।

### ଓୟୁଏଟିର ବୈମାତୃକ ମନୋଭାବ ଅଭିଯୋଗ

# ସରକାରଙ୍କ ଦୋମୁହାଁ ନୀତିକୁ ବିରୋଧ

**ବାରିପଦା ଅଫିସ, ୭।୯**



କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀମାନେ ବିରୋଧ ପ୍ରଦର୍ଶନ କରୁଛନ୍ତି ।

ଓୟୁଏଟିର ବୈମାତୃକ ମନୋଭାବ ଓ ଅନ୍ୟାୟ ବିରୋଧରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ କୃଷିବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ ସମସ୍ତ କର୍ମଚାରୀ ଗତ ୩ତାରିଖରୁ ପ୍ରତିବାଦ ପୂର୍ବକ କଳା ବ୍ୟାଜ ପରିଧାନ କରିଛନ୍ତି । ଏହି ପ୍ରତିବାଦ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଚାଲିବ । ସୂଚନା ଅନୁସାରେ,ରାଜ୍ୟରେ କୃଷି ଓ କୃଷକର ଉନ୍ନତି ପାଇଁ କୃଷି ବିଜ୍ଞାନ କେନ୍ଦ୍ର ଗୁଡିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଗତ ଦିନମାନଙ୍କରେ ପ୍ରତି ଜିଲାରେ ଥିବା ଏହି କେନ୍ଦ୍ରଗୁଡିକ ଗବେଷଣାଲବ୍ଧ ନୂତନ ଜ୍ଞାନ କୌଶଳକୁ ଚାଷୀ ଏବଂ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟରେ ପହଞ୍ଚାଇ ରାଜ୍ୟକୁ କୃଷି ସମୃଦ୍ଧ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଏହି କୃଷି ବିଜ୍ଞାନ କେନ୍ଦ୍ରଗୁଡିକରେ କାର୍ଯ୍ୟରତ କୃଷି ବୈଜ୍ଞାନିକ ଏବଂ କର୍ମଚାରୀ ଦୀର୍ଘ ୧୩ ବର୍ଷରୁ ଅଧିକ ସମୟ ଓ ଶ୍ରମ ଦାନ କରି କୃଷିର ଉନ୍ନତି ପାଇଁ ଚେଷ୍ଟା କରିଥିଲେ ସୁଦ୍ଧା ତାଙ୍କର ମୌଳିକ ସମସ୍ୟା ପ୍ରତି ବର୍ତ୍ତମାନ ପର୍ଯ୍ୟନ୍ତ ଧ୍ୟାନ ଦିଆଯାଉ ନାହିଁ । ଏପରି କି ସେମାନଙ୍କୁ ଜାତୀୟ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ ନ କରିବା, ସମାନ କାମକୁ ସମାନ ଦରମା ପ୍ରଦାନ ଓ ଚାକିରିକୁ ନିୟମିତ ନ କରିବା ଆଦି ଅଭିଯୋଗ ହୋଇଛି । ଏହି କେନ୍ଦ୍ରଗୁଡିକରେ ୨୦୦୫ ମସିହା ପୂର୍ବରୁ କାର୍ଯ୍ୟରତ ବୈଜ୍ଞାନିକ ଓ କର୍ମଚାରୀଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ପ୍ରଦାନ କରାଯାଇଥିବା ସ୍ଥଳେ ଏହା ପରେ ଯୋଗଦେଇଥିବା କର୍ମଚାରୀଙ୍କ ପ୍ରତି ଏଭଳି ମନୋଭାବ ପୋଷଣ କୃଷି ବିଶ୍ୱବିଦ୍ୟାଳୟ ତଥା ରାଜ୍ୟ ସରକାରଙ୍କ ଦୋମୁହାଁ ନୀତିକୁ ସ୍ପଷ୍ଟ କରୁଛି । ଏଭଳି ବୈମାତୃକ ମନୋଭାବ ଓ ଅନ୍ୟାୟ ବିରୋଧରେ ସମସ୍ତ ୩୧ଟି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ ସମସ୍ତ କର୍ମଚାରୀ କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି । ଆଗାମୀ ଦିନରେ ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ କରା ନ ଗଲେ ତେବେ ଏକ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ଶାମାଖୁଣ୍ଟା ସ୍ଥିତ କୃଷିବିଜ୍ଞାନ କେନ୍ଦ୍ରର କର୍ମଚାରୀମାନେ ପ୍ରକାଶ କରିଛନ୍ତି ।

### ଶିକ୍ଷକଙ୍କ ଆନ୍ଦୋଳନ ପାଇଁ ୭ ହାଇସ୍କୁଲରେ ତାଲା

**ବହଳଦା,୭।୯(ଡି.ଏନ.ଏ.)**

ଚାକିରି ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ଦାବିରେ ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ବହଳଦା ବ୍ଲକର ୭ଟି ହାଇସ୍କୁଲରେ ତାଲା ଝୁଲୁଛି । ଗତ ଅଗଷ୍ଟ ୧୬ ତାରିଖରୁ ଚାଲି ଆସୁଥିବା ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ପାଇଁ ସେପ୍ଟେମ୍ବର ୫ ତାରିଖ ଗୁରୁଦିବସକୁ କଳାଦିବସ ଭାବେ ପାଳନ କରାଯିବା ସହ ବହଳଦା ବ୍ଲକର ବହୁ ସ୍କୁଲ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରହିଥିଲା । ଆନ୍ଦୋଳନକୁ ସମର୍ଥନ କରି ବହଳଦା ବ୍ଲକର ଏକମାତ୍ର କଲେଜ ଡି.ଏଲ କଲେଜର ବ୍ଲକ ଗ୍ରାଣ୍ଟ ଅଧ୍ୟାପିକାଅଧ୍ୟାପକ ମଧ୍ୟ ଶ୍ରେଣୀ ବର୍ଜନ କରିଛନ୍ତି । ସେମାନେ କଲେଜ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ।

### ଡମ୍ପର ନେଲା ଶ୍ରମିକଙ୍କ ଜୀବନ

**ଯୋଡ଼ା/ବଡ଼ବିଲ, ୭।୯(ଡି.ଏନ.ଏ.)**

କେନ୍ଦୁଝର ଜିଲା ରୁଗୁଡି ଥାନା ରୋଡ୍‌କଳା ଛକ ନିକଟରେ ଏକ ଅଜଣା ଡମ୍ପର ଧକ୍କାରେ ଜଣେ ଶ୍ରମିକର ମୃତ୍ୟୁ ଘଟିଛି । ଶ୍ରମିକଙ୍କ ନାମ ହେଲା ଦୀପକ ନାଏକ(୨୫) । ସେ କେଜେଏସ ଆହଲୁୱାଲିଆ କାରଖାନାରେ ଶ୍ରମିକ ଭାବେ କାର୍ଯ୍ୟକରୁଥିଲେ । ଦୀପକ କାରଖାନାରୁ କାର୍ଯ୍ୟ ସାରି ଶୁକ୍ରବାର ଅପରାହ୍ନରେ ଘରକୁ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ଦୀପକଙ୍କର ମୃତ୍ୟୁ ଘଟିଥିଲା ତାଙ୍କୁ ଯୋଡ଼ାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାରେ ରଖାଯାଇଥିବା ଜଣାପଡିଛି । ରୁଗୁଡି ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି ।

### ଘରେ ପଶିଲା ଅଜଗର

**ରାଇସୁଆଁ, ୭।୯(ଡି.ଏନ.ଏ.)**

ସଦର ବ୍ଲକ ନୂଆଗାଁ ପଞ୍ଚାୟତ ହାତିକୁଚା ଗ୍ରାମର ମହାନ୍ତ ସାହିରେ ଗୁରୁବାର ରାତିରେ ମୂଷାକୁ ଖାଇବାକୁ ଆସି ଏକ ଅଜଗର ଜଣଙ୍କର ଘରେ ପଶି ଯାଇଥିଲା । ଫଳରେ ଭୟରେ ଚିତ୍କାର କରି ପରିବାର ଲୋକେ ଘର ବାହାରକୁ ପଳାଇ ଆସିଥିଲେ । ପରେ ଗ୍ରାମବାସୀ ଅଜଗରକୁ ଠେଙ୍ଗାରେ ପିଟି ମାରି ଦେଇଥିଲେ । ମୃତ ଅଜଗର ।

# ବୃଦ୍ଧିପାଉଛି ବୈତରଣୀର ଜଳସ୍ତର

**ପାଟଣା, ୭।୯(ସ୍ୱ.ପ୍ର.)**

ପଟଣା ଅଞ୍ଚଳ ଦେଇ ଯାଇଥିବା ବୈତରଣୀର ଜଳ ସ୍ତର ମଧ୍ୟ ବୃଦ୍ଧି ପାଇଛି । ପ୍ରବଳ ବର୍ଷା ରେ ପାଟଣା ଓ ସାହାରପଡା ତହସିଲ ଅଞ୍ଚଳର ଲୋକଙ୍କ ଘର ଭାଙ୍ଗି ଯାଇଛି । ଲୋକେ ବାସହୀନ ହୋଇଯାଇଛନ୍ତି । ପାଟଣା ତହସିଲ କେନ୍ଦେଇ ପସି ରାଜସ୍ୱ ନିରୀକ୍ଷକ ଅଧୀନ କେ, ନୂଆପଡା ପନି ନାଏକ, ସାବିତ୍ରୀ ମହାରଣା, କେନ୍ଦେଇ ପସିର ଦୀନ ବନ୍ଧୁ ନାଏକ, ଖୁଣ୍ଟା ପଡାର ଶାନ୍ତି ପାତ୍ର, ମହିଷା ମୁଣ୍ଡିର ରାଜା କିଶୋର ମୁଣ୍ଡା, ବୁଧୁ ମୁଣ୍ଡା, ଅର୍ଜୁନ ଚରଣ ମହାପାତ୍ର, ସିଲଦାର ଗୁରୁଚରଣ ନାଏକ, ପାଟଣା କଟାବେଡା ଗ୍ରାମର ନକୁଳ ଚନ୍ଦ୍ର ମହାନ୍ତ, ମୂଷା ଖୋରି ନିରାଶ ମଣୀ ପାତ୍ର, ଡୁମୁରିଆ କେତାଙ୍ଗ ଗ୍ରାମର ରଞ୍ଜନ ନାଏକ, ମହୁଲ ଡିହା ସୁକାନ୍ତି ମହାକୁଡ଼, ଡୁରୁମୁଙ୍ଗାର ଚିନ୍ତାମଣି ନାଏକ ଓ ସାହାରପଡା ତହସିଲ କୁଣ୍ଡଳା ପଞ୍ଚାୟତ ତାଳପଦା ଗ୍ରାମର ରତ୍ନାକର ମହାନ୍ତ, ଡମ୍ବରୁଧର ମହାନ୍ତ, ନଟ ପାତ୍ର ଓ ଗୋବିନ୍ଦ ମହାନ୍ତଙ୍କ ଘରେ ଜଳ ପଶି ଯାଇଛି । ପଟଣା ତହସିଲଦାର ଧନେଇ ଚରଣ ଟୁଡୁ ବିପନ୍ନଙ୍କୁ ପଲିଥିନ ଯୋଗାଇ ଦେଇଛନ୍ତି ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ସପ୍ତାହ ପାଳିତ

**ବାରିପଦା ଅଫିସ,୭।୯**

ବାରିପଦା ମୁର୍ଗାବାଡି ସ୍ଥିତ ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ପ୍ରାଥମିକ ଚିକିତ୍ସା ସପ୍ତାହ ପାଳିତ ହୋଇଯାଇଛି । ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ରଞ୍ଜନ କୁମାର ଗିରି, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ମଧୁସୂଦନ ଚକ୍ର , ସମ୍ମାନିତ ଅତିଥି ଭାବେ ଜିଲା ଶାରୀରିକ ଶିକ୍ଷା ପରିଦର୍ଶକ ଭାଗୀରଥି ମଲ୍ଲିକ, ଜିଲା ସ୍କାଉଟ କମିଶନର, ଜୁନିୟର ରେଡକ୍ରସ୍ ଜିଲା ସଙ୍ଗଠକ ବିଜୟ କୁମାର ମହାନ୍ତି, ରେଡକ୍ରସ ଓ ସ୍କାଉଟ କୋର୍ କମିଟି ସଦସ୍ୟ ନିରୋଦଚନ୍ଦ୍ର ମହାନ୍ତ,ଜୁନିୟର ରେଡକ୍ରସର ଜିଲା ସଂଯୋଜକ ଶଶିଧର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଜୁନିୟର ରେଡକ୍ରସ,ସ୍କାଉଟ ଓ ଗାଇଡର ଛାତ୍ରୀଛାତ୍ରଙ୍କୁ ଫାଷ୍ଟଏଡ୍ ତାଲିମ ପ୍ରଦାନ କରାଯାଇଥିଲା । ରେଡକ୍ରସ କାଉନସେଲର ଦୀପକ ରାମ ସହଯୋଗ କରିଥିଲେ ।

# ନବମ ପୁସ୍ତକମେଳା ଉଦ୍‌ଘାଟିତ

**କେନ୍ଦୁଝର, ୭।୯(ସ୍ୱ.ପ୍ର.)**

ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର, ଜେଲରୋଡ୍ କେନ୍ଦୁଝରଗଡ଼ଠାରେ ୯ମ ପୁସ୍ତକମେଳା ଉଦ୍‌ଘାଟିତ ହୋଇଯାଇଛି । ବିଦ୍ୟୁତ୍ ପରିଷଦର ସଭାପତି ବସନ୍ତ ଚକ୍ର, ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର ପଣ୍ଡା, ଖବରଦାତା ଜ୍ଞାନରଞ୍ଜନ ମିଶ୍ର, ଶିକ୍ଷା ବିକାଶ ସମିତିର ପ୍ରାକ୍ତନ ସମ୍ପାଦକ ଇଂ. ଅମରବର ଖଟୁଆ, ଶିକ୍ଷା ବିକାଶ ସମିତି ଉତ୍ତର ସମ୍ଭାଗର ସଭାପତି ସତ୍ୟନାରାୟଣ ମହାପାତ୍ର ଅତିଥି ଭାବେ ଯୋଗ ଦେଇ ଜୀବନରେ ପୁସ୍ତକ ଉପାଦେୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ପୁସ୍ତକ ମେଳାରେ ଅଗ୍ରଦୂତ, ଶାରଦା, ସାରଳା ପ୍ରକାଶନୀ, ମିତା ବୁକ୍ସ, ଶ୍ରଦ୍ଧା ପ୍ରକାଶନୀ, ଗୁରୁଜୀ ବୁକଷ୍ଟୋର, ଲିଲି ବୁକ୍ସ ଆଦି ବିଭିନ୍ନ ପ୍ରକାଶନୀ ଯୋଗ ଦେଇଥିଲେ । ଏଥିରେ ଶିଶୁ ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ ।

# ଓଭରବ୍ରିଜ ନ ହେଲେ ଆନ୍ଦୋଳନ

**ବିଶୋଇ,୭।୯**

**ମଣଦା**



ମଣଦା ନିକଟସ୍ଥ ଏକ ସ୍କୁଲର ଛାତ୍ରମାନେ ରାଜପଥ ଅତିକ୍ରମ କରୁଛନ୍ତି ।

- ଦୁର୍ଘଟଣା ଯୋଗୁ ବଢୁଛି ଜୀବନ ହାନି ଆଶଙ୍କା
- ବିପଜ୍ଜନକ ଭାବେ ରାସ୍ତା ପାର ହେଉଛନ୍ତି ଛାତ୍ରୀଛାତ୍ର

ବିଶୋଇ ଅନ୍ତର୍ଗତ ସ୍ଥାନୀୟ ମଣଦା ଏକ ଜନଗହଳିପୂର୍ଣ୍ଣ ସ୍ଥାନ ହୋଇଥିବାରୁ ଏଠାରେ ଓଭରବ୍ରିଜ ନିର୍ମାଣ ନିମନ୍ତେ ଦାବି ହୋଇଛି । ଏହି ଛକ ଦେଇ ୪୯ ନମ୍ବର ଜାତୀୟ ରାଜପଥ ଯାଇଥିବା ବେଳେ ଏହାର ଉଭୟ ପାର୍ଶ୍ୱରେ ବହୁ ଶିକ୍ଷାନୁଷ୍ଠାନ, ମେଡିକାଲ ଆଦି ରହିଛି । ତେଣୁ ଏଠାରେ ସବୁବେଳେ ଗହଳି ଲାଗି ରହୁଥିବା ବେଳେ ଦୁର୍ଘଟଣାଜନିତ ଜୀବନହାନି ସଂଖ୍ୟା ମଧ୍ୟ ଢେର ଅଧିକ । ତେଣୁ ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ ଏଠାରେ ଓଭରବ୍ରିଜ ନିର୍ମାଣ ନିମନ୍ତେ ଦାବି ଜୋର ଧରିଛି ।

ସ୍ଥାନୀୟ ମଣଦା ଛକ ଦେଇ ୨ଲେନବିଶିଷ୍ଟ ୪୯ ନମ୍ବର ଜାତୀୟ ରାଜପଥ ଯାଇଛି । ତେବେ ବର୍ତ୍ତମାନ ଏହି ରାଜପଥକୁ ପ୍ରଶସ୍ତୀକରଣ କରାଯାଇ ୪ ଲେନବିଶିଷ୍ଟ କରାଯାଉଛି । ଏହି ରାଜପଥ ଦେଇ ଦୈନିକ ଶହଶହ ଟ୍ରକ, ବସ୍ ଯାତାୟାତ କରୁଛି । ମଣଦା ଛକର ଉଭୟ ପାର୍ଶ୍ୱରେ ବହୁ ଶିକ୍ଷାନୁଷ୍ଠାନ ଅବସ୍ଥିତ । ସେହିପରି ଏହି ଛକ ଠାରୁ ୧ କିମି ଦୂରତାରେ ଏକ ମହାବିଦ୍ୟାଳୟ ଅବସ୍ଥିତ । ଏହି ଛକରେ ବସ୍‌ଷ୍ଟାଣ୍ଡ ଥିବାରୁ ଉକ୍ତ ଅଞ୍ଚଳରେ ସ୍କୁଲ, କଲେଜ ଛାତ୍ରୀଛାତ୍ରଙ୍କ ସମେତ ଜନସାଧାରଣଙ୍କ ଭିଡ଼ ଜମିଥାଏ । ସେହିପରି ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଆଦିବାସୀ ଓ ହରିଜନ ବିଭାଗର ସରକାରୀ ଛାତ୍ରୀନିବାସର ଛାତ୍ରୀମାନେ ପ୍ରତ୍ୟେକ ଦିନ ରାସ୍ତା ପାର ହୋଇ ଅନ୍ୟ ପାର୍ଶ୍ୱରେ ଥିବା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ଯାଇଥାନ୍ତି । ଏଥିସହିତ ସ୍କୁଲ ଖୋଲିବା ଓ ଛୁଟି ସମୟରେ ୧ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏକ ସମୟରେ ରାଜପଥ ଅତିକ୍ରମ କରି ଘରକୁ ଯାଇଥାନ୍ତି । ଏହି ସମୟରେ ଦ୍ରୁତ ଗତିରେ ଭାରି ଯାନବାହନ ଚଳାଚଳ କରୁଥିବାରୁ ଦୁର୍ଘଟଣାର ଆଶଙ୍କା ରହୁଛି । ସେହିପରି ଏହି ରାଜପଥ ପାର୍ଶ୍ୱରେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବାରୁ ସବୁ ସମୟରେ ରୋଗୀ ସମେତ ଜନସାଧାରଣଙ୍କ ଭିଡ଼ ଲାଗିଥାଏ । ରାଜପଥକୁ ଲାଗି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଓ ଏକ ସାପ୍ତାହିକ ହାଟ ଥିବାରୁ ମଣଦା ପଞ୍ଚାୟତର ୧୩ ଗୋଟି ଗ୍ରାମବାସୀଙ୍କ ଭିଡ଼ ଜମିଥାଏ । ତେଣୁ ଏହି ସ୍ଥାନରେ ସର୍ବଦା ଦୁର୍ଘଟଣା ଭୟ ଲାଗିରହିଥାଏ ।

ବିଶିଷ୍ଟ ଶିକ୍ଷାବିତ ଦିଲୀପ କୁମାର ସାହୁଙ୍କ କହିବା ଅନୁଯାୟୀ ରାଜପଥର ଦୁଇ ପାର୍ଶ୍ୱରେ ଏକାଧିକ ଶିକ୍ଷାନୁଷ୍ଠାନ ଥିବାରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଓଭରବ୍ରିଜ ନିର୍ମାଣ ନିତାନ୍ତ ଆବଶ୍ୟକ । ସେହିପରି ସାମାଜିକ କର୍ମୀ ସୁଶୀଲ କୁମାର ସାହୁ, କୁଞ୍ଜବିହାରୀ ବେହେରା, ସରପଞ୍ଚଙ୍କ ପ୍ରତିନିଧି ହରିହର ନାଏକ,ସାମାଜିକକର୍ମୀ ନୀଳରତ୍ନ ସାହୁଙ୍କ କହିବା ଅନୁଯାୟୀ ଏହି ଛକର ଗୋଟିଏ ପାର୍ଶ୍ୱରେ ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର ଓ ସରକାରୀ କାର୍ଯ୍ୟାଳୟ ଥିବା ବେଳେ ଅନ୍ୟ ପାର୍ଶ୍ୱରେ ମଣଦା ଗ୍ରାମ ଅବସ୍ଥିତ । ତେଣୁ ଏହି ଅଞ୍ଚଳରେ ଲୋକଙ୍କ ଭିଡ଼ ସବୁବେଳେ ଦେଖାଯାଏ । ତେଣୁ ଆଗାମୀ ଦିନରେ ମଣଦାରେ ଏକ ଓଭରବ୍ରିଜ ନିର୍ମାଣ ନ ହେଲେ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ଜିଲା ପୋଲିସ କାର୍ଯ୍ୟାଳୟ ନବକଳେବର

**କେନ୍ଦୁଝର, ୭।୯(ସ୍ୱ.ପ୍ର.)**



କେନ୍ଦୁଝର ଏସପିଙ୍କ କାର୍ଯ୍ୟାଳୟ ।

**୧୦୫ ବର୍ଷର ଐତିହ୍ୟ**

ବହୁ ପୁରାତନ କେନ୍ଦୁଝର ପୋଲିସ ମୁଖ୍ୟାଳୟ ତଥା ଏସପିଙ୍କ କାର୍ଯ୍ୟାଳୟର ନବକଳେବର ହୋଇଛି । ଏହି ଐତିହ୍ୟ ସମ୍ପନ୍ନ କୋଠାକୁ ପ୍ରାୟ ୧୦୫ ବର୍ଷ ତଳେ ନିର୍ମାଣ ହୋଇଥିବା କୁହାଯାଉଛି । ତତ୍‌କାଳୀନ କେନ୍ଦୁଝରଗଡ଼ର ସେନା ମୁଖ୍ୟାଳୟ ଉକ୍ତ କୋଠାରେ ଚାଲିଥିଲା ବୋଲି କୁହାଯାଏ । ୧୯୧୬ ମସିହାର ସ୍ଥାପିତ ତତ୍‌କାଳୀନ ମହାରାଜ ଧନୁର୍ଜୟ ନାରାୟଣ ଭଦେଓଙ୍କ ପ୍ରତିମୂର୍ତ୍ତି ରହିଛି । ସେହି ମୂର୍ତ୍ତିକୁ ବ୍ରିଟିଶ ସରକାରଙ୍କ ରାଜ୍ୟ ସୁପରିଣ୍ଟେଣ୍ଡ ଡି.ଏ. ମ୍ୟାକମିଲନ ସ୍ଥାପନ କରିଥିଲେ । ଉକ୍ତ କୋଠାର ସୁରକ୍ଷା ଏବଂ ସୌନ୍ଦର୍ଯ୍ୟ ପାଇଁ ଏସପି ଜୟନାରାୟଣ ପଙ୍କଜ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ସୁଉଚ୍ଚ ଫ୍ଲାଗପୋଷ୍ଟ ସୌନ୍ଦର୍ଯ୍ୟତାକୁ ଦ୍ୱିଗୁଣିତ କରୁଛି । ସବୁଠାରୁ ବଡ ଆକର୍ଷଣ ହେଉଛି ମୋଗଲ ସମୟର ତୋପ । ଅଭିଯୋଗ କରିବାକୁ ଆସୁଥିବା ମା' ଓ ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସେହିପରି କ୍ୟାଣ୍ଟିନ ବ୍ୟବସ୍ଥା କରାଯାଇଛି । ନିୟନ ଲାଇଟ ବ୍ୟବସ୍ଥା କରାଯାଇଛି ।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ସେପ୍ଟେମ୍ବର ୮/୨୦୧୮ Balasore, Saturday, September 8/ 2018

## ସଂକ୍ଷେପରେ

### ଲଗାଣ ବର୍ଷାରେ କାନ୍ଥ ଭୁଶୁଡ଼ି ୩ ଗୁରୁତର

**ଭଣ୍ଡାରିପୋଖରୀ,୭।୯(ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଝୁଟୁଣା ପଞ୍ଚାୟତ ଦାଦେଶ୍ୱର ଗାଁରେ ଗୁରୁବାର ବିଳମ୍ବିତ ରାତିରେ ଲଗାଣ ବର୍ଷା ଯୋଗୁ କାନ୍ଥ ଭୁଶୁଡ଼ି ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ଏହି ଗ୍ରାମର ବାବାଜୀ ଧଳ(୩୦), ତାଙ୍କ ସ୍ତ୍ରୀ ଯଶୋଦା ଧଳ ଏବଂ ନାତି ବିଷ୍ଣୁଚରଣ ଧଳ(୧୬। ସେମାନଙ୍କୁ ଯାଜପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗତ ରାତିରେ ଶୋଇଥିବା ଅବସ୍ଥାରେ ସେମାନଙ୍କ ଉପରେ କାନ୍ଥ ଭୁଶୁଡ଼ି ପଡ଼ିଥିଲା।

### ବିଦ୍ୟାଳୟରେ ତାଲା ଝୁଲିବା ନେଇ କାରଣ ଦର୍ଶାଅ ନୋଟିସ୍

**ପଦ୍ମପୁର,୭।୯(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଗଦି ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ତାଲା ଝୁଲିଥିବା ନେଇ ବ୍ଲକ ଶିକ୍ଷାଧିକାରୀ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ସୂଚନା ଅନୁସାରେ, ଗୁରୁବାର ବିନା କୌଣସି ସରକାରୀ ଛୁଟିରେ ଏହି ବିଦ୍ୟାଳୟରେ ତାଲା ଝୁଲୁଥିବା ଦେଖି ଅଭିଭାବକ ଓ ଛାତ୍ରୀଛାତ୍ର ବ୍ଲକ ଶିକ୍ଷାଧିକାରୀଙ୍କୁ ଫୋନ ଯୋଗେ ଅଭିଯୋଗ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାରାୟଣ ମଲିକ ଉକ୍ତ ବିଦ୍ୟାଳୟକୁ ଆସି ତାଲା ଝୁଲୁଥିବା ଦେଖି ପ୍ରଧାନ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମଲିକ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଅନ୍ୟପକ୍ଷେ ଦୀର୍ଘଦିନ ଧରି ଏହି ବିଦ୍ୟାଳୟରେ ଏଭଳି ଅନିୟମିତତା ଚାଲିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### କଲେଜ ଗଣ୍ଡଗୋଳ ନେଇ ଛାତ୍ରୀଛାତ୍ର ପ୍ରଶାସନର ଦ୍ୱାରସ୍ଥ



**ବାଲେଶ୍ୱର ଅଫିସ, ୭।୯:** ବାଲେଶ୍ୱର ସୁନହଟ୍ ସ୍ଥିତ ବଳାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟର ପ୍ରଶାସନିକ ସମସ୍ୟାକୁ ନେଇ ଶୁକ୍ରବାର ଗଣ୍ଡଗୋଳ ଘଟି ଥାନାଯାଏ କଥା ଯାଇଛି। କେତେକ ଅଧାପିକା, ଅଧାପକ ଟାଉନ୍ ଥାନାରେ ଏନେଇ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷେ କଲେଜର ବିଶୃଙ୍ଖଳା ସ୍ଥିତି ନେଇ ଛାତ୍ରୀଛାତ୍ର ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀଙ୍କୁ ଭେଟି ଏ ସମ୍ପର୍କରେ ଲିଖିତ ଭାବେ ଅବଗତ କରାଇଛନ୍ତି। ଶିକ୍ଷାନୁଷ୍ଠାନରେ ପାଠପଢ଼ା ବାତାବରଣ ବଜାୟ ରଖା ନ ଗଲେ ଆନ୍ଦୋଳନ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଅନ୍ଧାରରେ ହଜିଛି ରାଜ ଉଆସର ସ୍ମୃତି

**ବାରିପଦା ଅଫିସ,୭।୯**



ବାରିପଦା ରାଜ ଉଆସରେ ଏମପିସି ଜୁନିୟର କଲେଜ ଚାଲିଛି।

ମୟୂରଭଞ୍ଜ ଗଡଜାତ ଶାସନ ସମୟର ମହାରାଣୀ ସୁମିତ୍ରା ଭଞ୍ଜଦେଓଙ୍କ ଦ୍ୱାରା ନିର୍ମିତ ରାଜ ଉଆସର ସ୍ମୃତି ଆଜି ଜନମାନସଠାରୁ ବହୁ ଦୂରରେ ରହିଛି। ଶିମିଳିପାଳ ପାହାଡ ପାଦଦେଶ ବୁଢ଼ାବଳଙ୍ଗ ଅବବାହିକାରେଥିବା ଏହି ରାଜ ଉଆସର ନିର୍ମାଣ ଶୈଳୀ ସମସ୍ତଙ୍କୁ ବିସ୍ମିତ କରେ । ସେହି ଉଆସରେ ବର୍ତ୍ତମାନ 'ମହାରାଜା ପୂର୍ଣ୍ଣଚନ୍ଦ୍ର କନିଷ୍ଠ ମହାବିଦ୍ୟାଳୟ' ପରିଚାଳିତ ହେଉଛି। ମହାରାଜେଶ୍ୱରୀ ମହାରାଣୀ ସୁମିତ୍ରା ଭଞ୍ଜଦେଓ ଦକ୍ଷତାର ସହ ରାଜ୍ୟ ଶାସନ ସମ୍ଭାଳି ଜନହିତକର କାର୍ଯ୍ୟ କରିଥିଲେ ମଧ୍ୟ ତାଙ୍କ ସ୍ମୃତି ରକ୍ଷା ଲାଗି କୌଣସି ଉଦ୍ୟମ ହୋଇ ନାହିଁ। ଏପରିକି କୌଣସି ସ୍ଥାନରେ ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରା ଯାଇ ନାହିଁ ।

ରାଜବଂଶ ଇତିହାସରୁ ଜଣାଯାଏ, ମହାରାଣୀ ସୁବିତ୍ରା ଜଣେ ସ୍ୱାଭିମାନ, ବୁଦ୍ଧିମତୀ ଓ ବୀରା ରମଣୀ ଥିଲେ। ୧୭୯୬ ମସିହା ଏପ୍ରିଲ ୭ ତାରିଖରେ ତତ୍‌କାଳୀନ ମହାରାଜା ଦାମୋଦର ଭଞ୍ଜଙ୍କ ମୃତ୍ୟୁ ଘଟିବା ପରେ ୧୧ ରାଣୀଙ୍କ ମଧ୍ୟରୁ ସୁମିତ୍ରାଙ୍କୁ ରାଜ୍ୟ ଶାସନ ଭାର ଦିଆଯାଇଥିଲା। ତାଙ୍କର ଦୁଇପୁତ୍ର ଟିକାୟତ ଜୟକିଶନ ଏବଂ ଛୋଟରାୟ ଶ୍ୟାମସୁନ୍ଦର ଯୁବାବସ୍ଥାରେ ମୃତ୍ୟୁବରଣ କରିଥିଲେ। ଏଭଳି ସ୍ଥିତିରେ ସୁମିତ୍ରା ଭାଙ୍ଗି ନ ପଡି ଶାସନ କାର୍ଯ୍ୟ କରିଥିଲେ। ଜଣେ ମହିଳା ଶାସକ ଭାବରେ ସେ ଲୋକପ୍ରିୟତା ଅର୍ଜନ କରିଥିଲେ। କଥିତ ଅଛି ଯେ, ମହାରାଣୀ ସୁମିତ୍ରା ବିଭିନ୍ନ ସମୟରେ ରାଜଧାନୀ ହରିପୁରରୁ ବୁଢ଼ାବଳଙ୍ଗ ନଦୀ କୂଳ ଦେଇ ଗୋପବଲ୍ଲଭପୁର ଯାଉଥିଲେ। ଯିବା ବାଟରେ ବୁଢ଼ାବଳଙ୍ଗ ଓ ଚିପଟ ନଦୀର ସଙ୍ଗମ ସ୍ଥଳରେ କିଛି ସମୟ ବିଶ୍ରାମ କରୁଥିଲେ। ଏହି ସ୍ଥାନରେ ସେ ଉଆସ ତୋଳାଇବାକୁ ପରେ ସ୍ଥିର କରିଥିଲେ। ଭାରତର ତତ୍କାଳୀନ ବଡଲାଟ ଲର୍ଡ ୱେଲସିଲଙ୍କ ସହ ସୁମିତ୍ରାଙ୍କର ସମ୍ପର୍କ ଗଢି ଉଠିଥିଲା। ଇଂଲଣ୍ଡର ରାଜଉଆସ ବକିଂହାମ ଆକୃତିରେ ଏହି ଉଆସ ନିର୍ମାଣ କରିବା ସକାଶେ ସେତେବେଳେ ବଡଲାଟ ପ୍ରସ୍ତାବ ଦେଇଥିଲେ। ମହାରାଣୀ ଏଥିରେ ରାଜି ହୋଇ ଯୋଜନା ଅଟକଳ ଓ ନକ୍ସା ପ୍ରସ୍ତୁତ କରିବାକୁ ଇଂଲଣ୍ଡର ଯନ୍ତ୍ରୀ ଓ ବାସ୍ତୁକାରଙ୍କୁ ନିୟୋଜିତ କରିଥିଲେ। ନିର୍ମାଣ କାର୍ଯ୍ୟ ପାଇଁ କେତେକ ସାମଗ୍ରୀ ଇଂଲଣ୍ଡରୁ ଜାହାଜରେ ଅଣାଯାଇଥିଲା। ରାଜବାଟି ପରିସରରେ ରାଜବଂଶର ଆରାଧ୍ୟ ଦେବୀ କିଚକେଶ୍ୱରୀଙ୍କ ମନ୍ଦିର ହାଇଦ୍ରାବାଦର ଚାରମିନାର ଖମ୍ବର ଆକୃତି ଭଳି ନିର୍ମାଣ କରାଯାଇଥିଲା। ରାଣୀହଂସପୁରରେ ସ୍ନାନାଗାରକୁ ସୁନ୍ଦର, ଅତ୍ୟାଧୁନିକ ଶୈଳୀରେ ତିଆରି କରାଯାଇଥିଲା। ଶତ୍ରୁ ଆକ୍ରମଣ ସମୟରେ ଆତ୍ମରକ୍ଷା ଲାଗି ଉଆସର ଉତ୍ତର ପୂର୍ବକୋଣରେ ସୁଡଙ୍ଗ ନିର୍ମାଣ ହୋଇଥିଲା। ସୁଡଙ୍ଗର ରାସ୍ତା ପଶ୍ଚିମପଟେ ବୁଢ଼ାବଳଙ୍ଗ ନଦୀ ପଠାରେ ବାହାରିଥିଲା। ୧୮୦୪ ମସିହାରେ ଉଆସ ନିର୍ମାଣ ଆରମ୍ଭ ହୋଇ ୧୮୦୮ରେ ଶେଷ ହୋଇଥିଲା। ସେବେଠାରୁ ହରିପୁର ପରିବର୍ତ୍ତେ ବାରିପଦା ରାଜଧାନୀ ହୋଇଥିଲା। ଉକ୍ତ ଉଆସ ନିର୍ମାଣ ଲାଗି ପ୍ରାୟ ୧ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା। ୧୮୧୧ ମସିହା ଏପ୍ରିଲ ୮ ତାରିଖରେ ମହାରାଣୀ ସୁମିତ୍ରାଙ୍କର ତିରୋଧାନ ଘଟିବା ପରେ ଯମୁନା ଦେବୀଙ୍କୁ ରାଜଗାଦିରେ ଅଭିଷିକ୍ତ କରାଯାଇଥିଲା।

## ■ ଘର ଜ୍ୱାଇଁଙ୍କର ଉନ୍ମତ୍ତକାଣ୍ଡ

# ପୋଡ଼ିଦେଲେ ଦିବ୍ୟାଙ୍ଗ ଛାତ୍ରୀଙ୍କ ସାର୍ଟିଫିକେଟ୍

**ବାଲିଆପାଳ, ୭।୯(ଡି.ଏନ.ଏ.)**

ବାଲିଆପାଳ ଥାନା ବିଷ୍ଣୁପୁର ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ଜଣେ ଦିବ୍ୟାଙ୍ଗ ଛାତ୍ରୀଙ୍କର ମାଟ୍ରିକଠାରୁ ସ୍ନାତକ ପର୍ଯ୍ୟନ୍ତ ସମସ୍ତ ସାର୍ଟିଫିକେଟ ଏବଂ ନର୍ସିଂ ସାର୍ଟିଫିକେଟକୁ ତାଙ୍କ ଭିଣୋଇ ପୋଡ଼ିଦେବା ସହିତ ପରିବାର ଲୋକଙ୍କ ଅନୁପସ୍ଥିତିରେ ଅନେକ ମୂଲ୍ୟବାନ ସାମଗ୍ରୀକୁ ମଧ୍ୟ ନେଇଯାଇଛନ୍ତି । ଏ ନେଇ ଉକ୍ତ ଛାତ୍ରୀ ବାଲିଆପାଳ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚୁରା କରୁଛି।

ବାଲିଆପାଳ ଥାନା ବିଷ୍ଣୁପୁର ଗ୍ରାମର ପଞ୍ଚାନନ ମଣ୍ଡଳ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି। ତାଙ୍କର ଦୁଇ ଝିଅଙ୍କ ମଧ୍ୟରୁ ବଡ଼ ଝିଅଙ୍କୁ ଭୋଗରାଇ ଥାନା ରସଲପୁର ଗ୍ରାମରେ ବିବାହ ଦେଇଥିଲେ। ପଞ୍ଚାନନଙ୍କର ପୁଅ ନ ଥିବାରୁ ସେ ଝିଅ ଓ ଜ୍ୱାଇଁଙ୍କୁ ଆଣି ନିଜ ଘରେ ରଖିଥିଲେ। ତେବେ ଜ୍ୱାଇଁ ରୋଜଗାର ଟଙ୍କା ମନଇଚ୍ଛା ଖର୍ଚ୍ଚ କରୁଥିବା ବେଳେ ଅଭାବ ପଡ଼ିଲେ ଘରକୁ ଆସି ସ୍ତ୍ରୀ, ଶାଶୁ, ଶ୍ୱଶୁର ଓ ଶାଳିଙ୍କୁ ଗାଳିଗୁଲଜ କରିବା ସହ ମାରପିଟ୍ କରୁଥିଲେ। ତେବେ ତାଙ୍କ ପରିବାରର ସମସ୍ତେ ଦିବ୍ୟାଙ୍ଗ ହୋଇଥିବାରୁ କେହି ପ୍ରତିବାଦ କରିପାରନ୍ତି ନାହିଁ। ଶେଷରେ ଅତ୍ୟାଚାର ଅସହ୍ୟ ହେବାରୁ ପଞ୍ଚାନନଙ୍କ ପରିବାର ଲୋକେ ତାଙ୍କ ଶଶୁର ଘର ମୟୂରଭଞ୍ଜରେ ରହି ଆସୁଛନ୍ତି। ଏଥିରେ ଉତ୍ତ୍ୟକ୍ତ ହୋଇ ତାଙ୍କ ଜ୍ୱାଇଁ ପଞ୍ଚାନନଙ୍କର ଘର ତାଲା ଭାଙ୍ଗି ଘରେ ଥିବା ସମସ୍ତ ଗହଣା ଓ ଆସବାବପତ୍ର ନେଇଯିବା ସହ ବାକ୍ସରେ ଥିବା ସବୁ ଦରକାରୀ କାଗଜପତ୍ର ଏବଂ ସାନଝିଅର ସମସ୍ତ ସାର୍ଟିଫିକେଟ୍ ବାହାର କରି ପୋଡ଼ି ଦେଇଥିଲେ। ଏ ବିଷୟରେ ଗ୍ରାମବାସୀଙ୍କଠାରୁ ଖବର ପାଇ ପଞ୍ଚାନନଙ୍କ ସାନଝିଅ ଘରକୁ ଆସି ଏସବୁ ଦେଖିଥିଲେ। ସେ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତାଙ୍କ ଜ୍ୱାଇଁଙ୍କୁ ଅଟକ ରଖିଛି।

# ବନ୍ୟାପାଣି ନିଷ୍କାସନ ଦାବିରେ ରାସ୍ତାରୋକୋ



ରାସ୍ତା ଉପରେ ଇଟା ରଖି ଅବରୋଧ କରାଯାଇଛି।

**ଭଣ୍ଡାରିପୋଖରୀ,୭।୯(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ ନିଳକ ରାସ୍ତାର ବେଲମଳା ଛକରେ ଶୁକ୍ରବାର ବନ୍ୟାଜଳ ନିଷ୍କାସନ ଦାବିରେ ସ୍ଥାନୀୟ ଗ୍ରାମବାସୀ ଆର୍‌ଡି ରୋଡ୍‌ର ମୁଖ୍ୟରାସ୍ତାରେ ଇଟା ପକାଇ ରାସ୍ତାରୋକୋ କରିଥିଲେ। ଗ୍ରାମବାସୀ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ନାଆଁମୀ ପଞ୍ଚାୟତର ମଞ୍ଜୁରିରୋଡ ବେଲମଳା ଛକ ନିକଟସ୍ଥ ରାସ୍ତାପାର୍ଶ୍ୱ ନାଳପୋଲଠାରେ ସେହି ଅଞ୍ଚଳର ଜଣେ ବ୍ୟକ୍ତି ଜବରଦଖଲ କରି ଘର କରିଛନ୍ତି। ଫଳରେ ସେଠାରେ ବନ୍ୟାଜଳ ନିଷ୍କାସନ ହୋଇ ନ ପାରି ଗାଁରେ ପାଣି ପ୍ରବେଶ କରିଛି। ଏଥିଯୋଗୁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ବ୍ଲକ ଓ ତହସିଲ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଶେଷରେ ବାଧ୍ୟ ହୋଇ ସେମାନେ ଇଟା ପକାଇ ରାସ୍ତା ଅବରୋଧ କରିଥିଲେ ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ। ଖବର ପାଇ ଭଣ୍ଡାରିପୋଖରୀ ତହସିଲଦାର ପ୍ରଣୟ ଜେନା ଓ ଥାନା ଆଇଆଇସି ଅମିତ କୁମାର ବିଶ୍ୱାଳ ଧାରଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଆସନ୍ତା ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ■ ପ୍ରକଳ୍ପ ମଞ୍ଜୁରୀ ବିଳମ୍ବକୁ ନେଇ ଉତ୍ତେଜନା

# ବିଡିଓଙ୍କୁ ଘେରିଲେ ଗ୍ରାମବାସୀ

**ବଡ଼ସାହି,୭।୯(ସ୍ୱ.ପ୍ର)**



ପ୍ରକଳ୍ପ ମଞ୍ଜୁର ପାଇଁ ବ୍ଲକକୁ ଆସିଥିବା ହରିପୁର ଗ୍ରାମର ଗ୍ରାମବାସୀ

ପ୍ରକଳ୍ପ ମଞ୍ଜୁରୀରେ ବିଳମ୍ବକୁ ନେଇ ବଡସାହି ବ୍ଲକ ପ୍ରତାପପୁର ପଞ୍ଚାୟତ ହରିପୁର ଗ୍ରାମର କେତେକ ଲୋକେ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କୁ ଘେରିଛନ୍ତି। ଅଗଷ୍ଟ ୨୩ରେ ହୋଇଥିବା ପଲ୍ଲୀସଭାରେ ଗୃହୀତ ପ୍ରକଳ୍ପ ଅଦ୍ୟାବଧୀ ମଞ୍ଜୁର ହେଉ ନ ଥିବାରୁ ଶୁକ୍ରବାର ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଉତ୍ତ୍ୟକ୍ତ ଲୋକେ ପ୍ରାୟ ଦେଢ ଘଣ୍ଟା ବିଡିଓଙ୍କୁ ଘେରାଉ କରିଥିଲେ। ପରେ ଉତ୍ତ୍ୟକ୍ତ ଲୋକଙ୍କ ସହ ବିଡିଓ ଆଲୋଚନା କରିବା ପରେ ପରିସ୍ଥିତ ସ୍ୱାଭାବିକ ହୋଇଛି।

ହରିପୁର ଗ୍ରାମରେ ଅଗଷ୍ଟ ୨୩ରେ ହୋଇଥିବା ପଲ୍ଲୀ ସଭାରେ ଗ୍ରାମରେ ଏକ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା । ମାତ୍ର ଗ୍ରାମର ଏକ ଗୋଷ୍ଠୀ ରାସ୍ତା ବଦଳରେ ପାନୀୟ ଜଳ ଯୋଗାଣ ନିମନ୍ତେ ଏକ ଓଭର ହେଡ ଟାଙ୍କି ନିର୍ମାଣ କରିବା ପାଇଁ ଅଡି ବସିଥିଲେ। ଏଥିନିମନ୍ତେ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ ପ୍ରସ୍ତାବ ଅନୁମୋଦନ ପାଇଁ ପଠାଯାଇଥିବା ଉକ୍ତ ପଲ୍ଲସଭାରେ ସରପଞ୍ଚ କହିଥିଲେ। ମାତ୍ର ପଲ୍ଲୀସଭା କରା ନ ଯାଇକିପରି ପ୍ରକଳ୍ପ ମଞ୍ଜୁର ପାଇଁ କିପରି ପଠାଯାଇଛି ବୋଲି ଗ୍ରାମର କେତେକ ଯୁବକ ବଡ଼ସାହି ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଗ୍ରାମରେ ଉଭୟ ଗୋଷ୍ଠୀ ମଧ୍ୟରେ ତିକ୍ତତା ଲାଗି ରହିଥିଲା । ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ବି ପ୍ରକଳ୍ପ ମଞ୍ଜୁର ହୋଇ ନ ଥିବାରୁ ଗ୍ରାମବାସୀ ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଆଲୋଚନା ବେଳେ ବଚସା ହେବାରୁ ଉତ୍ତ୍ୟକ୍ତ ଲୋକେ ବିଡିଓଙ୍କୁ ଘେରାଉ କରିଥିଲେ । ମାତ୍ର ଉକ୍ତ ସମୟରେ ଅନ୍ୟ ଏକ ଗୋଷ୍ଠୀର ଲୋକେ ବ୍ଲକରେ ଥିବା ଦେଖି ଉଭୟ ଗୋଷ୍ଠୀ ମଧ୍ୟରେ କଥା କଟାକଟି ଆରମ୍ଭ ହୋଇଥିଲା । ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଦୁଇ ଗୋଷ୍ଠୀ ଲୋକଙ୍କ ସହ କଥାବାର୍ତ୍ତା ହେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି।




## ■ ମୁଁ ହିରୋ, ମୁଁ ଓଡ଼ିଶା କାର୍ଯ୍ୟକ୍ରମ ବେଳେ ଉତ୍ତେଜନା

# ଦୁଇ ଛାତ୍ରଗୋଷ୍ଠୀ ମୁହାଁମୁହିଁ

**ସୋର, ୭।୯(ଡି.ଏନ.ଏ.)**

ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ଓଡ଼ିଶା ସରକାର ଓ ବିଜୁଯୁବ ବାହିନୀ ତରଫରୁ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ ସମୟରେ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ ପହଞ୍ଚି ସେମାନଙ୍କୁ ନିୟନ୍ତ୍ରଣ କରିଥିଲା।

ଏହି କାର୍ଯ୍ୟକ୍ରମ ଆୟୋଜନସ୍ଥଳରେ ଟେଣ୍ଟ କରାଯାଇ ନ ଥିବାରୁ ଛାତ୍ରୀଛାତ୍ରମାନେ ଖୋଲା ଆକାଶ ତଳେ ଛତା ଧରି ବସିଥିଲେ। ଏହାକୁ ନେଇ ଦୁଇ ଗୋଷ୍ଠୀ ଛାତ୍ରଙ୍କ ମଧ୍ୟରେ ଗଣ୍ଡଗୋଳ ଦେଖାଦେଇଥିଲା। ସୋର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜନାକୁ ନିୟନ୍ତ୍ରଣ କରିଥିଲେ। ତେବେ କେତେକ ଛାତ୍ର ଟେଣ୍ଟ କରା ନ ଯିବାର କାରଣ ସମ୍ପର୍କରେ ଅଧକ୍ଷ ଲକ୍ଷ୍ମୀକାନ୍ତ ପାଢୀଙ୍କୁ ପଚାରିଥିଲେ। ସେ ଉତ୍ତରରେ ବର୍ଷା ଯୋଗୁ ଟେଣ୍ଟ ହୋଇପାରି ନ ଥିବା କହିଥିଲେ। ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମରେ ସ୍ଥାନୀୟ ତହସିଲଦାର ଦେବୀ ପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। କଲେଜ ଅଧକ୍ଷ ଲକ୍ଷ୍ମୀକାନ୍ତ ପାଢୀ ସଭାପତିତ୍ୱ କରିଥିଲେ । ଅଧ୍ୟାପକ ଭଗବାନ ବେହେରା କୋଡ଼ିନେଟର ଭାବେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ବିଜୁ ଯୁବବାହିନୀ ଓ ଛାତ୍ରମାନଙ୍କ ମଧ୍ୟରୁ ୬ଜଣଙ୍କୁ ମୁଁ ହିରୋ ମୁଁ ଓଡ଼ିଶା ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ।

# ନୂଆ ଉପାୟରେ ଖଣିଜ ଚୋରି

**କେନ୍ଦୁଝର, ୭।୯(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ନୟାକୋଟ ଥାନା ପୋଲିସ ବୁଧବାର ୧୫ଟି ଲୁହାପଥର ବୋଝେଇ ଟ୍ରକ୍‌କୁ ଅଟକ ରଖି ଖଣି ବିଭାଗକୁ ଚାଲାଣ କାଗଜପତ୍ର ହସ୍ତାନ୍ତର କରିଥିଲା। ଉକ୍ତ ଘଟଣାରୁ କିପରି ବେଆଇନ ଭାବେ ଲୁହାପଥର ପରିବହନ ହେଉଛି ତାହା ପଦାକୁ ଆସିଛି। ବହୁଚର୍ଚ୍ଚିତ ଖଣି ଦୁର୍ନୀତି ପରେ ପୁଣି ସରକାରୀ ନିଲାମ ଓ କଟକଣାକୁ ଉଲ୍ଲଂଘନ କରି ନୂଆ ଉପାୟରେ ଲୁହାପଥର ଭଳି ବିଭିନ୍ନ ଖଣିଜ ଦ୍ରବ୍ୟର ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଆଇନ ଅନୁଯାୟୀ ବିନା ଅନୁମତିରେ ଲୁହାପଥର ପରିବହନ ବେଆଇନ। ଗାଡି ଗୁଡିକ ଶୁଆକାଟି ଗନ୍ଧମାର୍ଦ୍ଦନ ଖଣିରୁ ଅଁରା ଓ ଫୁଲଝରସ୍ଥିତ କାରଖାନାକୁ ଯାଉଥିଲା ବୋଲି କୁହାଯାଉଛି। ଚାଲାଣ ଅନୁଯାୟୀ ସେହିସବୁ ଲୁହାପଥର ବୋଝେଇ ଗାଡି ଯେଉଁ ରୁଟ୍‌ରେ ଯିବା କଥା ସେହି ରୁଟ୍‌ରେ ଯାଉ ନ ଥିଲା। ଚାଲାଣରେ ଦର୍ଶାଯାଉଥିବା ରାସ୍ତାରେ ଲୁହାପଥର ବୋଝେଇ ଟ୍ରକ୍ ପରିବହନ କରୁନି। ଅନ୍ୟ ରାସ୍ତା ଦେଇ ଲୁହାପଥର ବୋଝେଇ ଟ୍ରକ୍ ଯାଉଥିବାରୁ ସନ୍ଦେହ ପ୍ରକାଶ ପାଇଛି। ଏଭଳି ବେଆଇନ କାମକୁ ଖଣି ଓ ପୋଲିସ ବିଭାଗ ପ୍ରୋତ୍ସାହିତ କରୁଥିବା ଆଲୋଚନା ହେଉଛି। ଚୋରା ଚାଲାଣ ହେଉଥିବା ଲୁହାପଥର ବୋଝେଇ ଟ୍ରକ୍‌ଗୁଡିକ ଜବତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଜରିମାନା ଆଦାୟ କରି ଛାଡି ଦିଆଯାଉଛି।

ଏ ନେଇ ଖଣି ବିଭାଗ ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ନୟାକୋଟ ଥାନା ଅଧିକାରୀ ବି.ବେଜଙ୍କୁ ପଚାରିବାରୁ ଉକ୍ତ ଗାଡିଗୁଡିକ ଅଲଗା ରାସ୍ତାରେ ଲୁହାପଥର ବୋଝେଇ କରି ଯାଉଥିବା ବେଳେ ଧରାଯାଇଥିଲା। ପରେ ଗାଡିର ଚାଲାଣ ସବୁ ଖଣି ବିଭାଗକୁ ହସ୍ତାନ୍ତର କରାଯାଇଛି ବୋଲି ସେ କହିଛନ୍ତି। ଗନ୍ଧମାର୍ଦ୍ଦନ ଖଣିରୁ ଲୁହାପଥର କେନ୍ଦୁଝର ସହର ଦେଇ ପଳାସପଙ୍ଗା-ବାମେବାରୀ ରାସ୍ତାରେ ଅଁରା ଓ ଫୁଲଝର ଯାଇଥାଏ। ମାତ୍ର ଚୋରା ଚାଲାଣ କରୁଥିବା ଗାଡି ବିପରୀତ ଦିଗରେ ଯାଉଛି। ଦୀର୍ଘ ବର୍ଷ ହେଲା ଏଭଳି ଲୁହାପଥର ଚାଲାଣ ହେଉଥିବା ଅଭିଯୋଗ ହେଉଛି। ଗାଡିରେ ଜିପିଏସ୍ ଲାଗିଛି। ଅଲଗା ରୁଟ୍‌ରେ ଯାଉଥିଲେ ହେଁ ଖଣି ବିଭାଗ କିପରି ଜାଣିପାରୁନାହିଁ, ତାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି। ଏ ନେଇ କେନ୍ଦୁଝର ଖଣିମଣ୍ଡଳର ଖଣି ଅଧିକାରୀ ଡି.ସି. ସାହୁଙ୍କୁ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ହେଁ ତାଙ୍କ ମତାମତ ମିଳିପାରିନାହିଁ।

### ସାପ କାମୁଡ଼ାରେ ଗଲା ୨ ଜୀବନ

**ବାଲିଆପାଳ/ଖଇରା, ୭।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ମୁକୁଲିସି ପଞ୍ଚାୟତ ଛଟିନା ଗ୍ରାମରେ ମଙ୍ଗଳବାର ରାତିରେ ସାପ କାମୁଡ଼ାରେ ଅର୍ଚ୍ଚନା ବେରୋ ନାମ୍ନୀ ଜଣେ ମହିଳାଙ୍କର ମୃତ୍ୟୁ ହୋଇଛି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ରାତି ୨ଟାରେ ବସ୍ତା ଡାକ୍ତରଖାନାକୁ ନେଇଆସିଥିଲେ। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସେହିପରି ଔପଦା ଥାନା ଫତେପୁର ପଞ୍ଚାୟତ ପାଇକପଡ଼ା ଗ୍ରାମର ଗୁଜୁନି ସିଂଙ୍କ ୨ବର୍ଷର ଶିଶୁ ପୁତ୍ର ଅମର ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ଗୁଜୁନି ଓ ତାଙ୍କ ପତ୍ନୀ ଜମି ହିଡ଼ରେ ଶିଶୁପୁତ୍ରକୁ ଶୁଆଇ ଦେଇ ଚାଷ କାର୍ଯ୍ୟ କରୁଥିବା ବେଳେ ଏକ ବିଷଧର ସାପ ଶିଶୁପୁତ୍ରକୁ କାମୁଡିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ।

### ଫେରାର ଅଭିଯୁକ୍ତ ଗିରଫ

**ରୂପସା, ୭।୯(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ହଳଦୀପଦା ଫାଣ୍ଡି ଅନ୍ତର୍ଗତ ଚଷାଖଣ୍ଡ ଗ୍ରାମର ଫେରାର ଅଭିଯୁକ୍ତ ସେକ୍ ମୁଜଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ନିଜ ଭାଇବୋହୂଙ୍କୁ ନିର୍ଯାତନା ଦେବା ଅଭିଯୋଗ ନେଇ ଅଭିଯୁକ୍ତଙ୍କ ବିରୋଧରେ ଗତ ୨୦୧୪ ମସିହାରେ ଏକ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଘରେ ଥିବାର ଖବରପାଇ ପୋଲିସ ଚଢ଼ାଉ କରିଥିଲା। ଗିରଫ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।



BHUBHANESHWAR: 1st Floor, SCR Plot No. 26, Bapuji Nagar, Janapath. Ph: 0674-2597190 9337038666 / 9437167283 | SAMBALPUR: Plot No. 2572 (G+1st Floor), Golebazar, Near Pirbaba Chowk & Bhubaneshwari Temple. Ph: 0663-2532121 / 9337004051 / 9861584713 | ANGUL: Beside Hotel Prasanthi, NH-55, Turang. Ph: 06764 - 605077 / 7853925775 / 9937068960

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ